# ରାଷ୍ଟ୍ରପତିଙ୍କୁ ଦାବି ଜଣାଇବାକୁ ଦିଲ୍ଲୀ ଯାତ୍ରା

## ଖୋଡ଼ିଆଙ୍କୁ ଆଦିବାସୀ ମାନ୍ୟତା

**ରାୟଗଡ଼ା, ୧୯।୨ (ଆଶିଷ ରଞ୍ଜନ ପଣ୍ଡା)**

ବାରମ୍ବାର ଦାବି କରୁଛନ୍ତି । ହେଲେ ମିଳୁନି ଆଦିବାସୀ ମାନ୍ୟତା କି ସରକାରୀ ସୁବିଧା। ଏହାର କୌଣସି ସମାଧାନ ବାହାର କରୁନାହାନ୍ତି କେନ୍ଦ୍ର ସରକାର । ମଙ୍ଗଳବାର ଦିଲ୍ଲୀ ଯାଇଛନ୍ତି ଖୋଡ଼ିଆ ସମ୍ପ୍ରଦାୟ। ରଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ସମସ୍ୟା ଜଣାଇବେ । ଏଥିପାଇଁ ଖୋଡିଆ ସମ୍ପ୍ରଦାୟ ପକ୍ଷରୁ ସାନ୍ଧୁ ମାଝୀ, ନୀଳକଣ୍ଠ ଖୋଡିଆ, ଟଙ୍କଧର ଖୋଡିଆ ଓ ଅନିରୁଦ୍ଧ ଖୋଡିଆ ଦିଲ୍ଲୀ ଯାଇଛନ୍ତି। ଏହାପରେ ଜଣାପଡିବ ସେମାନଙ୍କ ଦାବି ଓ ସଂଗ୍ରାମର ଭବିଷ୍ୟତ। ଖୋଡିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେବା ପାଇଁ ପୂର୍ବରୁ ଏକାଧିକବାର ରାଜ୍ୟପାଳଙ୍କୁ ଭେଟି ସେମାନଙ୍କ ଦାବି କରିଛନ୍ତି। ପୂର୍ବରୁ ଏହି ପ୍ରସଙ୍ଗରେ ପୂର୍ବତନ ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ନିଜର ଏକ ପତ୍ରରେ ଜଣାଇଥିଲେ, ଖୋଡିଆଙ୍କୁ ଆଦିବାସୀ ମାନ୍ୟତା ଦେବା ନେଇ ୨୦୦୯ ରେ ତତ୍କାଳୀନ ଉପା ସରକାରଙ୍କ ସମୟରେ ରାଜ୍ୟ ସରକାର ଦୁଇଥର ପ୍ରସ୍ତାବ ଦେଇଥିଲେ। ହେଲେ ସେହି ସମୟରେ ଭାରତୀୟ ରେଜିଷ୍ଟ୍ରାର ଜେନେରାଲ ଏବଂ ଆଦିବାସୀ ମନ୍ତ୍ରଣାଳୟ ଏହାକୁ ଗ୍ରହଣ କରି ନ ଥିଲେ। ଫଳରେ ଖୋଡିଆ ସମ୍ପ୍ରଦାୟ ଆଦିବାସୀ ମାନ୍ୟତା ପାଇବାରେ ସମସ୍ୟା ସୃଷ୍ଟି ହେଉଛି। ବର୍ତ୍ତମାନ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପୁନର୍ବାର ଏହି ପ୍ରସ୍ତାବକୁ ରେଜିଷ୍ଟ୍ରାର ଜେନେରାଲଙ୍କ ନିକଟକୁ ପ୍ରସ୍ତାବ ଗୃହୀତ କରିବା ପାଇଁ ପଠାଇ ଅନୁରୋଧ କରିବ ବୋଲି ମନ୍ତ୍ରୀ ମୁଣ୍ଡା ପତ୍ରରେ ଜଣାଇଥିଲେ।

ବର୍ତ୍ତମାନ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ନିକଟରେ ଏହା ବିଚାରାଧୀନ ରହିଥିବାରୁ ସମାଧାନ ପାଇଁ ଖୋଡିଆ ସମ୍ପ୍ରଦାୟ ଦାବି ଦୋହରାଇବାକୁ ଦିଲ୍ଲୀ ଯାତ୍ରା କରିଛନ୍ତି। ମନ୍ତ୍ରୀ ଜୁଏଲ ଓରାମଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏଣେ ଖୋଡିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପ୍ରଦାନ ପାଇଁ ୨୦୧୯ରେ ରାଜ୍ୟ ସରକାର ସବୁଜ ସଙ୍କେତ ଦେଇ କେନ୍ଦ୍ର ସରକାରଙ୍କ ନିକଟକୁ ଦୁଇଥର ପ୍ରେରଣ କରିଛନ୍ତି। ତଥାପି ଆଦିବାସୀ ମାନ୍ୟତା ମିଳୁ ନ ଥିବାରୁ ରାୟଗଡା, କୋରାପୁଟ ଓ କଳାହାଣ୍ଡି ଜିଲାରେ ବାସ କରୁଥିବା ଖୋଡିଆମାନେ ସମସ୍ୟା ଭୋଗୁଛନ୍ତି। ଖୋଡିଆ ସମାଜ ନେତ୍ରୀ ତଥା ସାମାଜିକକର୍ମୀ ସୁମନି ଖୋଡିଆଙ୍କୁ ଅନେକ ସମୟରେ ସେମାନଙ୍କ ଅସୁବିଧା ଓ ଦାବି ଜଣାଇଛନ୍ତି। ପ୍ରକାଶଯେ, ଖୋଡ଼ିଆ ସମ୍ପ୍ରଦାୟ ଦୀର୍ଘ ୨୮ ବର୍ଷ ହେବ ଆଦିବାସୀ ମାନ୍ୟତା ଦାବିକରି ଆସୁଛନ୍ତି। ଏଥିପାଇଁ ସେମାନଙ୍କ ଏକ ପ୍ରତିନିଧି ଦଳ ବାରମ୍ବାର ଦିଲ୍ଲୀ ଠାରେ ବିଭିନ୍ନ ସମୟରେ କେନ୍ଦ୍ର ମନ୍ତ୍ରୀମାନଙ୍କୁ ଭେଟି ନିଜ ଦାବି ଉପସ୍ଥାପନ କରିଛନ୍ତି । ଖୋଡ଼ିଆ ସମ୍ପ୍ରଦାୟର ଏକ ଟିମ୍ ତତ୍କାଳୀନ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ଭେଟି ଦାବି ଉପସ୍ଥାପନ କରିଥିଲେ। ତୁରନ୍ତ ଖୋଡ଼ିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ସହ ପରଜା ଉପମାନ୍ୟତା ଦେବାକୁ ଦାବି କରିଥିଲେ। କାରଣ ଖୋଡ଼ିଆ ସମ୍ପ୍ରଦାୟ ପ୍ରକୃତରେ ଆଦିବାସୀ। କିନ୍ତୁ କାଶୀପୁରର ପୂର୍ବତନ ତହସିଲଦାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତି ଯୋଗୁ ୨୮ ବର୍ଷ ହେବ ସେମାନେ ମାନ୍ୟତା ପାଇବାରୁ ବଞ୍ଚିତ ହେଉଛନ୍ତି । ସେହିଭଳି ୨୦୧୭ ମାର୍ଚ୍ଚ ୧୧ରେ ପ୍ରତିନିଧିଦଳ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ସମାନ ଦାବି ଉପସ୍ଥାପନ କରିଥିଲେ। ଦୁଇ ମନ୍ତ୍ରୀ ସଂସଦରେ ଏ ନେଇ ଆଲୋଚନା କରି ଫଳପ୍ରଦ ନିଷ୍ପତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅଦ୍ୟାବଧି ସକାରାତ୍ମକ ଫଳ ମିଳିନାହିଁ। ପୂର୍ବରୁ ଉପା ସରକାର ସମୟରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧି ଓ ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ ଭେଟି ଦାବି ମଧ୍ୟ ଉପସ୍ଥାପନ ହୋଇଥିଲା। ଏମ୍‌ପି ସପ୍ତଗିରି ଉଲ୍ଲାକା ଏକାଧିକବାର ଏହି ପ୍ରସଙ୍ଗ ସଂସଦରେ ଉଠାଇଛନ୍ତି।

ରାୟଗଡ଼ା ଜିଲା କାଶୀପୁର ଓ କଲ୍ୟାଣସିଂହପୁର, କୋରାପୁଟ ଜିଲା ଦଶମନ୍ତପୁର ଓ ଲକ୍ଷ୍ମୀପୁର ଏବଂ କଳାହାଣ୍ଡି ଜିଲା ଥୁଆମୂଳରାମପୁର ବ୍ଲକରେ ୯୦ ହଜାରରୁ ଅଧିକ ଖୋଡ଼ିଆ ସମ୍ପ୍ରଦାୟ ବାସ କରୁଛନ୍ତି। ୧୯୯୭ ପର୍ଯ୍ୟନ୍ତ ଏମାନଙ୍କୁ ଆଦିବାସୀ ମାନ୍ୟତା ଦିଆଯାଉଥିଲା। କିନ୍ତୁ ସରକାରୀସ୍ତରରେ ତ୍ରୁଟି ଓ ଏହାପରେ ଦେଖାଦେଇଥିବା ଅବ୍ୟବସ୍ଥା ଯୋଗୁ ତାହା ପରଠାରୁ ଖୋଡ଼ିଆମାନେ ଆଦିବାସୀ ମାନ୍ୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ଯେଉଁ ତ୍ରୁଟି ସରକାରୀ ସ୍ତରରେ ଘଟିଛି ତାହା ମାର୍ଜନା କରିବା ପାଇଁ ଏହି ସମ୍ପ୍ରଦାୟ ଦୀର୍ଘ ୨୮ ବର୍ଷ ହେବ ଦାବିକରି ଆସୁଛି। ଆଇନରେ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଖୋଡିଆ ସମ୍ପ୍ରଦାୟ ଅଣସଂରକ୍ଷିତ ଭାବେ ପରିଗଣିତ ହେବେ। ଏଣେ ଖୋଡ଼ିଆ ସମ୍ପ୍ରଦାୟ ଜିଲା ସଦରମହକୁମାଠାରୁ ଆରମ୍ଭକରି ରାଜ୍ୟ ରାଜଧାନୀ ଏବଂ ଦିଲ୍ଲୀ ପର୍ଯ୍ୟନ୍ତ ଦୌଡ଼ି ନୟାନ୍ତ ହେଲେଣି । ଅଦ୍ୟାବଧି ସେମାନଙ୍କ ଦାବିର ପୁନର୍ବିଚାର ହୋଇନାହିଁ କି ସଂସଦରେ ବିତର୍କ ମଧ୍ୟ ହୋଇନାହିଁ। ଖୋଡ଼ିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦାବିକରି ୨୦୧୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ବର୍ଜନ କରାଯାଇଥିଲା। ଫଳରେ କାଶୀପୁର ବ୍ଲକରେ ପଞ୍ଚାୟତ ନିର୍ବାଚନ ହୋଇ ନ ଥିଲା। ଖୋଡ଼ିଆ ସମ୍ପ୍ରଦାୟର କିଛି ଲୋକ ଆଦିବାସୀ ମାନ୍ୟତା ପାଇଥିବା ବେଳ ସିଂହଭାଗ ଏଥିରୁ ବଞ୍ଚିତ ହେଉଛନ୍ତି, ଏମାନେ ମଧ୍ୟ ଅଣସଂରକ୍ଷିତ ଭାବେ ପରିଗଣିତ ହେଉଛନ୍ତି ।


ଦିଲ୍ଲୀରେ ପହଞ୍ଚିଥିବା ଖୋଡ଼ିଆ ସଂପ୍ରଦାୟ ନେତା।

# 'ଜିଲାର ଉନ୍ନତି, ବିକାଶକୁ ଦିଆଯିବ ଗୁରୁତ୍ୱ'


ଭାଜପା ନୂତନ ଜିଲା ସଭାପତି ଏମ୍.ଗୋପୀ ଆନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଭାଜପା ନୂତନ ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା

**ରାୟଗଡ଼ା/ ମୁକୁନ୍ଦପୁର/ ରାମନାଗୁଡ଼ା, ୧୯।୨ (ଆଶିଷ ରଞ୍ଜନ ପଣ୍ଡା/ ପୃଥ୍ୱୀରାଜ ମହାନ୍ତି/ ସଞ୍ଜୟ ପ୍ରଧାନ)**

ଭାରତୀୟ ଜନତା ପାର୍ଟିପକ୍ଷରୁ ସୋମବାର ୧୩ ଜିଲାର ଦଳୀୟ ସଭାପତି ଘୋଷଣା କରାଯାଇଥିଲା। ଏଥିରେ ରାୟଗଡ଼ା ଜିଲା ସଭାପତି ଭାବେ ଏମ୍.ଗୋପୀ ଆନନ୍ଦଙ୍କୁ ଦଳ ଚୟନ କରିଛି। ଜିଲାରେ ବିଭିନ୍ନ ମହଲରୁ ଗୋପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସେ ମଙ୍ଗଳବାର ଭୁବନେଶ୍ୱରରୁ ଫେରିବାବେଳେ ଜିଲାର ଗୁମୁଡ଼ା, ରାମନାଗୁଡ଼ା, କୋଲନରା, ଜେକେପୁର, କୋମତାଲପେଟା ଓ ରାୟଗଡ଼ାଠାରେ ତାଙ୍କୁ ଦଳୀୟ ନେତା ଓ କର୍ମୀମାନେ ସମ୍ବର୍ଦ୍ଧିତ କରିଛନ୍ତି।

ରାୟଗଡ଼ାରେ ପହଞ୍ଚିବା ପରେ ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଦଳୀୟ ନେତା ଓ କର୍ମୀମାନେ ଗୋପୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହା ସହିତ ଦଳ କିଭଳି ସଂଗଠିତ ହେବା ସହିତ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ସେ ନେଇ ଗୋପୀ ସମସ୍ତଙ୍କ ସହିତ ଆଲୋଚନା କରିଥିଲେ। ଗୋପୀ ଜଣେ ଆଇନଜୀବୀ ହୋଇଥିବା ବେଳେ ସାମାଜିକକର୍ମୀ ଭାବେ ଲୋକଙ୍କ ସେବା ପାଇଁ ସର୍ବଦା ତତ୍ପର ରହିଛନ୍ତି । ସୋମବାର ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କୁ ଭେଟିବା ପରେ ପୁରୀ ଯାଇ ଜଗନ୍ନାଥଙ୍କ ଆଶୀର୍ବାଦ ନେଇଥିଲେ। ଗୋପୀ କହିଛନ୍ତି, ସେ ରାୟଗଡ଼ା ମାଟିରେ ଜନ୍ମିତ ଏବଂ ନିଜ ଜିଲାର ବିକାଶ ପାଇଁ ତାଙ୍କୁ ମିଳିଥିବା ସୁଯୋଗକୁ ସେ ହାତଛଡ଼ା ନ କରି ଜିଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଉପରେ ଗୁରୁତ୍ୱ ଦେବେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଶିବଶଙ୍କର ଉଲାକା, ରାମଚନ୍ଦ୍ର ବେହେରା, ଭିକାରି ନାହାକ, ଦେବାଶିଷ ପଣ୍ଡା, ଶାନ୍ତନୁ ସୁବୁଦ୍ଧି, ସାଗର, ଅନିଲ କୁମାର ଜାଡ଼ି ଓ ସନ୍ଦିପ ଗୁଡ଼ଲାଙ୍କ ସମେତ ୧୧ ବ୍ଲକରୁ ବହୁ ନେତା ଓ କର୍ମୀ ଥିଲେ।

ରାୟଗଡ଼ା ଜିଲା କୋଲନରା ବ୍ଲକ୍‌ର ମୁକୁନ୍ଦପୁର ମଣ୍ଡଳରେ ମଧ୍ୟ ଗୋପୀ ଆନନ୍ଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମୟରେ ପୂର୍ବତନ ମଣ୍ଡଳ ସଭାପତି ଭାସ୍କର ନାଇଡୁ , ଉପସଭାପତି ଏ. ପ୍ରସାଦ, ନୂତନ ମଣ୍ଡଳ ସଭାପତି ମନୋଜ ନାଲ୍ଲା, ମଣ୍ଡଳ ପ୍ରତିନିଧି ଅଜୟ ମଣ୍ଡାଙ୍ଗୀ, ମାନସ ଦାସ, ସନ୍ତୋଷ ମହାପାତ୍ର, ଅଜିତ ଗୌଡ଼, ପ୍ରକାଶ ନିଶାଲ, ଗୋପାଳ କଣ୍ଡାଗରୀ, ଦିଲୀପ କୁମ୍ବିକା, ଜି. ସୁଦର୍ଶନ, ସୁଦର୍ଶନ ସେନାପତି, ଗୀତାଶ୍ରୀ ମହାପାତ୍ର , ଆରୋଗୋଲା ମନରମା ପ୍ରମୁଖଙ୍କ ସହ ଆଖପାଖ ଗ୍ରାମରୁ ପ୍ରାୟ ୪୦୦ କର୍ମୀ ଯୋଗଦେଇଥିଲେ।

ସେହିଭଳି ରାମନଗୁଡ଼ା ଭାଜପା ପକ୍ଷରୁ ଜିଲା ସଭାପତିଙ୍କୁ ଫୁଲତୋଡ଼ା ଉପଢୌକନ ଦେଇ ସ୍ୱାଗତ କରାଯାଇଛି। ଏହି ସମୟରେ ପୂର୍ବତନ ଜିଲା ସଭାପତି ଶିବ ଶଙ୍କର ଉଲ୍ଲାକା, ହରେକୃଷ୍ଣ ପାଢ଼ୀ, ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ପୂର୍ବତନ ଜିଲା ସମ୍ପାଦକ ଭାସ୍କର ପଣ୍ଡା, ପୂର୍ବତନ ଜିଲା ଯୁବମୋର୍ଚ୍ଚା ସଭାପତି ଦେବାଶିଷ ପଣ୍ଡା, ବରିଷ୍ଠ ନେତା ଚିନା କଣ୍ଡାଗରୀ, ମଣ୍ଡଳ ସଭାପତି ଶ୍ରୀନିବାସ ପଣ୍ଡା, ମଣ୍ଡଳ ପ୍ରତିନିଧି ଶିବପ୍ରସାଦ ବ୍ରହ୍ମା, ବନମାଳୀ ଗମାଙ୍ଗ, ନରସିଂହ ମାଣ୍ଡାଙ୍ଗି, ପୂର୍ବତନ ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳି ମୁଟିକା, ଜୟା ବିଡ଼ିକା, ସୁଣ୍ଡିଧାମୁଣି ସରପଞ୍ଚ ଭାସ୍କର କାଡ୍ରାକା ପ୍ରମୁଖ ଉପସ୍ଥିତ ଥିଲେ।

# ଜଳଭଣ୍ଡାରରେ ବୁଡ଼ି ମହିଳା ମୃତ

**ମାଲକାନଗିରି, ୧୯।୨ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗରି ଜିଲା ବାଲିମେଳା ଜଳଭଣ୍ଡାରରେ ବୁଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚିତ୍ରକୋଣ୍ଡା ବ୍ଲକ ପଣସପୁଟ ପଞ୍ଚାୟତ ଜମଗଡ ଗ୍ରାମର ଇଛାବତୀ କିର୍ସାନୀ (୪୦) । ମଙ୍ଗଳବାର ସନ୍ଧ୍ୟାରେ ବାଲିମେଳା ଜଳଭଣ୍ଡାରକୁ ସ୍ନାନ କରିବାକୁ ଯାଇଥିଲେ। ରାତି ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ ଟାରେ ତାଙ୍କ ମୃତଦେହ ଜଳଭଣ୍ଡାରରେ ଭାସୁଥିବା ଗ୍ରାମବାସୀ ଦେଖି ପରିବାର ବର୍ଗଙ୍କ ସହ ଜଡାମ୍ବ ଥାନାକୁ ଜଣାଇଥିଲେ। ପୋଲିସ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ତେବେ ସନ୍ଧ୍ୟାରେ ସେ ସ୍ନାନ କରିବାକୁ ଯାଇଥିବା ବେଳେ ଗୋଡ ଖସି ଜଳଭଣ୍ଡାରରେ ବୁଡି ଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡଛି।

# ଗାଁକୁ ଯାଇ ଲୋକଙ୍କ ସମସ୍ୟା ବୁଝିଲେ


ବିଡିଓ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

- ୩ ଜଣକ ବାର୍ଦ୍ଧକ୍ୟ ଭତ୍ତା ଫର୍ମ ପୂରଣ
- କେହି ହିତାଧିକାରୀ ସରକାରୀ ଯୋଜନାରୁ ବାଦ୍ ପଡ଼ିବେ ନାହିଁ: ବିଡିଓ

**କୋଲୋନାରା, ୧୯।୨ (ମାନସ ମିଶ୍ର)**

ରାୟଗଡ଼ା ଜିଲା କୋଲାନାରା ବ୍ଲକ ସୁରି ପଞ୍ଚାୟତ ଅଧୀନ ମୁନିସିଂ ଗ୍ରାମକୁ ବିଡିଓ ରୀନା ପ୍ରଧାନ ବୁଧବାର ସକାଳେ ଗସ୍ତ କରିଥିଲେ। ସେଠାରେ ଗ୍ରାମବାସୀଙ୍କ ସୁବିଧା ଅସୁବିଧା ସହ ସରକାରୀ ଯୋଜନା ଲାଭ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଏ ସମୟରେ ଘର ଘର ବୁଲି ବାର୍ଦ୍ଧକ୍ୟ ଭତ୍ତା, ପାନୀୟ ଜଳ, ଆବାସ ଯୋଜନା ଆଦି ବିଷୟରେ ଆଲୋଚନା କରିଥିଲେ। ଗାଁ କୁ ଆସିଥିବା ପିଇଓ ସଠାରେ ହିଁ ୩ ଜଣକ ବାର୍ଦ୍ଧକ୍ୟ ଫର୍ମ ପୂରଣ କରିଥିଲେ। ମାସକ ଭିତରେ ଭତ୍ତା ଦେବା ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ୪ ଟି ଘର ଯାଇ ଆବାସ ଯୋଜନା ଅନ୍‌ଲାଇନ ଫର୍ମ ପୂରଣ କରିଥିଲେ। କେହି ହିତାଧିକାରୀ ସରକାରୀ ଯୋଜନାରୁ ବାଦ୍ ପଡ଼ିବେ ନାହିଁ ବୋଲି ବିଡିଓ କହିଥିଲେ। ବିଡିଓଙ୍କ ସହ ସୁରି ପିଇଓ ରମେଶ ଚନ୍ଦ୍ର ପରିବାକା, ବିପିସି କୁମୁଦିନୀ ସାହୁ, ଏଡିଓ ସସ୍ମିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ବୃଦ୍ଧାଙ୍କୁ ଗର୍ଭବତୀ ଦର୍ଶାଇ ମମତା ଯୋଜନା ଅର୍ଥ ହରିଲୁଟ

## ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି

**କୋରୁକୋଣ୍ଡା, ୧୯।୨ (ଶିବଦତ୍ତ ସାହୁ )**

୫୧ ଓ ଏହାଠାରୁ ଅଧିକ ବୟସର ବୃଦ୍ଧାଙ୍କୁ ଗର୍ଭବତୀ ଦର୍ଶାଇ ତାଙ୍କ ନାମରେ ମମତା ଯୋଜନାରେ ଆସୁଥିବା ଅର୍ଥ ହରିଲୁଟ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ଡୁଡ଼ାମେଟା ପଞ୍ଚାୟତ ଏମ୍‌ଭି–୨୩ ଏବଂ ଆଖପାଖ ଗାଁରୁ। ତେବେ ମମତା ଯୋଜନା ପୋର୍ଟାଲରୁ ମଧ୍ୟ ଏହାର ପ୍ରମାଣ ମିଳିଥିବା ବେଳେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ବୃଦ୍ଧାଙ୍କୁ ଗର୍ଭବତୀ ଦର୍ଶାଇ ମମତା ଯୋଜନାରେ କରାଯାଇଛି ଲକ୍ଷାଧିକ ଟଙ୍କାର ହରି ଲୁଟ୍। ବୃଦ୍ଧାଙ୍କୁ ଗର୍ଭବତୀ ଦର୍ଶାଇ ମମତା ଯୋଜନା ମାଧ୍ୟମରେ ତାଙ୍କ ନାମରେ ଆସିଥିବା ୬ ହଜାର ଟଙ୍କାର ସହାୟତା ରାଶିକୁ ବ୍ୟାଙ୍କ ଖାତାରୁ ଗ୍ରାମର ଜଣେ ବ୍ୟକ୍ତି ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଏହି ଅର୍ଥ କାହାକୁ ଯାଉଛି ଏବଂ ଏଥିରେ ବିଭାଗୀୟ ଅଧିକାରୀଙ୍କ ଭୂମିକା କଣ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଏ ବିଷୟରେ ଆମେ ଅଙ୍ଗନୱାଡ଼ି କର୍ମୀ ସବିତା ରାଣା ଓ ଆଶା କର୍ମୀ ମାୟାରାଣୀ ଘରାମୀଙ୍କୁ ପଚାରିବାରୁ ସେମାନେ ଏ ସମ୍ପର୍କରେ କିଛି ଜାଣି ନାହାନ୍ତି ବୋଲି କହିଛନ୍ତି। କିପରି ଭାବେ ବୃଦ୍ଧାଙ୍କୁ ସରକାରୀ କାଗଜ କଲମରେ ଗର୍ଭବତୀ ଦର୍ଶା ଯାଇଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାକୁ ନେଇ ବୃଦ୍ଧାମାନେ ଗଣ ମାଧ୍ୟମ ଆଗକୁ ଆସିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଏହି ଘଟଣାକୁ ନେଇ କୋରୁକୋଣ୍ଡା ଭରପ୍ରାପ୍ତ ସିଡିପିଓ ରଜନୀ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ ମଧ୍ୟ ଘଟଣା ବିଷୟରେ ଆଦୌ ଅବଗତ ନ ଥିବା କହିଛନ୍ତି। ଏହି ଘଟଣାର ଉପଯୁକ୍ତ ତଦନ୍ତ କରିବେ ବୋଲି କହିଛନ୍ତି।

# କାର୍ଯ୍ୟରେ ଯୋଗଦେଲେ ପଦ୍ମପୁର ନୂତନ ବିଡିଓ

**ପଦ୍ମପୁର, ୧୯।୨ (ପ୍ରଶାନ୍ତ କୁମାର କର)**

ରାୟଗଡ଼ା ଜିଲା ପଦ୍ମପୁର ବିଡିଓ ଭାବେ ବୁଧବାର ସୁରେଶ କୁମାର ଜାନି ଯୋଗଦେଇଛନ୍ତି। ସେ ପୂର୍ବତନ ବିଡିଓ ଶିବ ପ୍ରସାଦ ପଟ୍ଟନାୟକଙ୍କ ଠାରୁ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ବିଡିଓ ସୁରେଶ କୁମାର ଜାନି ଗଞ୍ଜାମ ଜିଲା ପୋଲସରା ବ୍ଲକରେ କାର୍ଯ୍ୟ କରୁଥିଲେ। ପଦ୍ମପୁର ପୁରାତନ ବିଡିଓ ଶିବ ପ୍ରସାଦ ପଟ୍ଟନାୟକ ରାୟଗଡ଼ା ଜିଲା ବିଷମକଟକ ବ୍ଲକକୁ ବଦଳି କରାଯାଇଛି। ନୂତନ ବିଡିଓଙ୍କୁ ସ୍ୱାଗତ ଓ ପୁରୁଣା ବିଡିଓଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବାକୁ ସମସ୍ତ କର୍ମଚାରୀ ଓ ସାଧାରଣ ଲୋକ ଏକାଠି ହୋଇଥିଲେ। ପୁରାତନ ବିଡିଓଙ୍କ କାର୍ଯ୍ୟକାଳ ସମୟରେ ପଦ୍ମପୁର ବ୍ଲକ ଶ୍ରେଷ୍ଠ ଆକାଂକ୍ଷା ବ୍ଲକ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ସେ ସମ୍ମାନିତ ହୋଇଥିଲେ।


ନୂତନ ବିଡିଓ କାର୍ଯ୍ୟଭାର ଗ୍ରହଣ କରୁଛନ୍ତି।

# ଛତ୍ରପତି ଶିବାଜୀ ମହାରାଜାଙ୍କ ଜୟନ୍ତୀ


ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ସଦସ୍ୟମାନେ ପଣା ବଣ୍ଟନ କରୁଛନ୍ତି।

**ରାୟଗଡ଼ା, ୧୯।୨ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଛତ୍ରପତି ଶିବାଜୀଙ୍କ ୩୯୫ତମ ଜନ୍ମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ପକ୍ଷରୁ ସ୍ଥାନୀୟ କପିଳାସ ଛକ ନିକଟରେ ସକାଳ ୧୦ଟାରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ରାୟଗଡ଼ା ବ୍ଲକ ସଂଯୋଜକ ଅଜୟ କୁମାର ଆଶ୍ରଣୀ , ସହ ସଂଯୋଜକ ବିଜୟ ଚୁଲେଟ, ବିଶ୍ୱହିନ୍ଦୁ ପରିଷଦ ନଗର ସଭାପତି ଗୋପୀନାଥ ବ୍ରହ୍ମ, ବଜରଙ୍ଗ ଦଳ ନଗର ସଂଯୋଜକ ଶସ୍ୟଜ୍ୟୋତି ବେହେରାଙ୍କ ସହ ଅନ୍ୟ କାର୍ଯ୍ୟକର୍ତା ଯୋଗ ଦେଇଥିଲେ।

# ୬୩୦ କେଜି ଗଞ୍ଜେଇ ଜବତ

## ଗଞ୍ଜେଇ ନେଇ ଯାଉଥିବା ଗାଡ଼ି ଚାଳକ ଗିରଫ

**ଗୁଣପୁର, ୧୯।୨ (ପ୍ରଦୀପ କୁମାର ପାଢ଼ୀ)**

ରାୟଗଡା ଜିଲା ଗୁଣପୁର ବ୍ଲକ ଖର୍ଲିଙ୍ଗ ନିକଟ ମୁଖ୍ୟ ରାସ୍ତା ଉପରେ ବୁଧବାର ୬୩୦ କେଜି ଗଞ୍ଜେଇ ହୋଇଛି। ଗଞ୍ଜେଇ ନେଇ ଯାଉଥିବା ଏକ ଗାଡ଼ି ଜବତ କରାଯିବା ସହ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ସେ ହେଲେ ବିରିକୋଟ ଗ୍ରାମର ଜୟନ୍ତ ବେହେରା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତ ଫେରାର ଥିବା ପୋଲିସ ପକ୍ଷରୁ ସୂଚନା ଦେଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ସୂଚନାନୁଯାୟୀ, ଅଡ଼ବା ଥାନା ଅଧୀନ ବିରିକୋଟରୁ ଗଞ୍ଜେଇ ବେଆଇନ ଭାବେ ଚୋରା ଚାଲାଣ ହୋଇ ଗଜପତି ଅଭିମୁଖେ ଯାଉଥିଲା। ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ହେବା ଯୋଜନା ଥିଲା। ଗୁଣପୁର ଥାନା ସବ୍ ଇନ୍ସପେକ୍ଟର ରଞ୍ଜିତ ତ୍ରିପାଠୀ ଗଞ୍ଜେଇ ଚୋରାଚାଲାଣ ତଦନ୍ତ କରୁଥିବା ଥାନାଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି।


ଜବତ ଗଞ୍ଜେଇ ବସ୍ତା।

# ମାସକରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

## ୩ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବି

**ରାୟଗଡ଼ା, ୧୯।୨ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସହର ମଧ୍ୟ ଭାଗରେ ଥିବା ୩ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର କରିବା ଦାବି ନେଇ ରାୟଗଡା ଜିଲା ବିକାଶ ମଞ୍ଚ ସଦସ୍ୟମାନେ ଏକ ପତ୍ର ବୁଧବାର ଅବକାରୀ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି। ମାସକ ମଧ୍ୟରେ ସ୍ଥାନାନ୍ତର ନହେଲେ ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

ଜାନୁଆରୀ ୮ରେ ବିଦେଶୀ ମଦ ଦୋକାନ ନଂ ୩, ୧୧ ଓ ୧୫କୁ ସେହି ସ୍ଥାନରୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ରାୟଗଡ ଜିଲା ବିକାଶ ମଞ୍ଚ ପକ୍ଷରୁ ଅବକାରୀ ଅଧୀକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଦୀର୍ଘ ଏକ ମାସ ବିତିଯାଇଥିଲେ ସୁଦ୍ଧା ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଲୋକେ ଉକ୍ତ ଦୋକାନ ସମ୍ମୁଖରେ ମଦ୍ୟପାନ କରୁଥିବାରୁ ସେହି ରାସ୍ତା ଦେଇ ଯାତାୟାତ କରୁଥିବା ସାଧାରଣ ଲୋକ, ମହିଳା, ଛାତ୍ରୀଛାତ୍ର, ବ୍ୟାଙ୍କ କର୍ମଚାରୀ, ସରକାରୀ କର୍ମଚାରୀ ଏବଂ ନିକଟରେ ଥିବା ସାହି ବାସିନ୍ଦା ଅସୁବିଧା ସମ୍ମୁଖୀନ ହେଉଛନ୍ତି ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ତେଣୁ ରାୟଗଡ଼ା ସହର ମଧ୍ୟରେ ଥିବା ସେହି ୩ଟି ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ଦାବି ପୂରଣ ନ ହେଲେ ରାୟଗଡ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନବେଳେ ଜିଲା ବିକାଶ ମଞ୍ଚ ସଭାପତି ଦୟାନନ୍ଦ ଖାଡ଼ଙ୍ଗାଙ୍କ ନେତୃତ୍ୱରେ କୋଷାଧ୍ୟକ୍ଷ ସୁରେଶ ସାହୁ, ସଭ୍ୟ ମନୋଜ ସାହୁ , ରାଜୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ରାୟଗଡା ଜିଲା ବିକାଶ ମଞ୍ଚ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# କାମ କରୁନି ସୌରଚାଳିତ ପ୍ରକଳ୍ପ

କୋରୁକୋଣ୍ଡା, ୧୯।୨ (ଶିବଦତ୍ତ ସାହୁ)

■ ବାଲେଲଗୁଡ଼ା ଗ୍ରାମ
■ ଦୀର୍ଘବର୍ଷ ଧରି ସୋଲାର ପ୍ରକଳ୍ପ, ନଳକୂପ ଅଚଳ

ମାଲକାନଗିରି ଜିଲାର ବିଭିନ୍ନ ଅଞ୍ଚଳରେ ଦେଖାଦେଇଛି ଜଳ ସଙ୍କଟ। ଦୀର୍ଘବର୍ଷ ହେଲା ବିଭିନ୍ନ ସ୍ଥାନରେ ଅଚଳ ହୋଇପଡ଼ିଛି ସୋଲାର ପ୍ରକଳ୍ପ । ଏକମାତ୍ର ନଳକୂପ ଜଳ ଉପରେ ଗ୍ରାମବାସୀ ନିର୍ଭରକରି ଚଳୁଛନ୍ତି। ଏହି ନଳକୂପରୁ ଆବଶ୍ୟକ ଅନୁସାରେ ପାଣି ବାହାରୁ ନ ଥିବାରୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁଠାରୁ କିଛି କି.ମି. ଦୂରରେ ଚିତ୍ରକୋଣ୍ଡା ଜଳଭଣ୍ଡାର ଥାଇ ମଧ୍ୟ ପାଣି ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ। ଚିତ୍ରକୋଣ୍ଡା ବ୍ଲକ୍ ଟନେଲ କ୍ୟାମ୍ପ ପଞ୍ଚାୟତ ବାଲେଲଗୁଡ଼ା ଗ୍ରାମରେ ଏଭଳି ଦେଖିବାକୁ ମିଳିଛି ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରାୟ ୫ ବର୍ଷ ହେବ ଗାଁରେ ଅଚଳ ହୋଇପଡିଛି ସୌରଚଳିତ ପାନୀୟ ଜଳ ପ୍ରକଳ୍ପ। ଦୁଇଟି ମଧ୍ୟରୁ ଗୋଟିଏ ଦୀର୍ଘବର୍ଷ ହେବ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ଅନ୍ୟ ଏକ ପ୍ରକଳ୍ପରୁ ବାହାରୁଥିବା ପାଣି ତାହା ଲୋକଙ୍କ ଲାଗି ନିଅଣ୍ଟ ହେଉଛି। ପୋଖରୀ କିମ୍ବା ଆଖପାଖରେ ନଦୀ କିମ୍ବା ନାଳରେ ନାହିଁ। ଏହି ଗାଁରେ ବାସ କରୁଥିବା ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ ପରିବାର ଏବଂ ଗୋରୁ ଓ ଗୃହପାଳିତ ପ୍ରାଣୀ ଜଳ ମୁହାଁଏ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୋଲେଲଗୁଡ଼ା ଗ୍ରାମର ଚତୁଃପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ଓ ପାହାଡ଼ ଘେରି ରହିଛି। ଗାଁରେ ଷ୍ଟ୍ରିଟ୍ ଲାଇଟ ନାହିଁ। ସରୀସୃପ ଓ ହିଂସ୍ର ଜନ୍ତୁଙ୍କ ଭୟରେ ରାତି କାଟୁଛନ୍ତି ଗ୍ରାମବାସୀ। ସଞ୍ଜ ହେଲେ ଲୋକେ ଅନ୍ଧାର ରାସ୍ତାରେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଗାଁଠାରୁ ପ୍ରାୟ ୩ କି.ମି.ଦୂରରେ ଥିବା ଗ୍ରାମକୁ ଯାଇ ପିଡିଏସ୍ ସାମଗ୍ରୀ ଆଣିବାକୁ ବାଧ ହେଉଛନ୍ତି। ଭଲ ମନ୍ଦ କାର୍ଯ୍ୟ ଓ ସଭା ସମିତି ପାଇଁ ଗାଁରେ ଏକ କମ୍ୟୁନିଟି ସେଣ୍ଟର କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ର ନାହିଁ। ଗାଁଠାରୁ କିଛି ଦୂର ଡାଇକ୍-୧ ଗ୍ରାମରେ ରହିଛି ଅଙ୍ଗନୱାଡ଼ି କେନ୍ଦ୍ର। ବହୁ ଦୂର ହେଉଥିବାରୁ ଗାଁର ଶିଶୁମାନେ ଉକ୍ତ କେନ୍ଦ୍ରକୁ ଆଦୌ ଯାଉ ନ ଥିବା ଗ୍ରାମବାସୀ କହିଛନ୍ତି। ଗାଁ ଉପର ପାର୍ଶ୍ୱରେ ଉଚ୍ଚ ଓ ଘଞ୍ଚ ପାହାଡ଼ ରହିଛି। ରାସ୍ତା ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯାଇ ନ ଥିବାରୁ ବର୍ଷା ହେଲେ ପାହାଡ଼ରୁ ବୋହି ଆସୁଥିବା ଜଳ ଲୋକଙ୍କ ଘରେ ପଶୁଛି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ପାଇଁ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ୍ ପ୍ରଶାସନଠାରୁ ଆରମ୍ଭକରି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଏବଂ ଜନ ପ୍ରତିନିଧିଙ୍କ ଅଭିଯୋଗ କରିଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଗାଁ ମୁଖିଆ ଗୋପୀ ବଡ଼ନାୟକ,ଗୋବିନ୍ଦ ଗୋଲାରୀ, ଧବୁଲୁ ଗୁଣ୍ଠା, ଝାନ ଗୋଲାରୀ,ଧନ ବଡ଼ନାୟକ, ତିଲୋତ୍ତମା ଗୋଲାରୀ,ଲକ୍ଷ୍ମୀ ଗୋଲାରୀ, ସୀତାମା ଗୁଣ୍ଠାଙ୍କ ସମେତ ସମସ୍ତେ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଟନେଲ କ୍ୟାମ୍ପ ପଞ୍ଚାୟତ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ଭୂୟାଁଙ୍କୁ ପଚାରିବାରୁ ଅଚଳ ହୋଇଥିବା ପ୍ରକଳ୍ପଗୁଡ଼ିକର ମେଣ୍ଟେନାନ୍ସ ଗ୍ରାମ୍ୟ ଜଳ ପରିମଳ ବିଭାଗ କରିବା କଥା। କିନ୍ତୁ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ କାହାରି ଫୋନ ଉଠାଉନାହାନ୍ତି। ଏ ସମ୍ପର୍କରେ ବିଡିଓଙ୍କୁ ଅବଗତ କରାଯାଇଛି। ଗ୍ରାମର ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ବିକଶିତ ଗ୍ରାମ ଓ ବିକଶିତ ଓଡ଼ିଶା ଯୋଜନାରେ କରାଯିବ ବୋଲି ସେ କହିଛନ୍ତି।


ଅଚଳ ଜଳ ପ୍ରକଳ୍ପ ନିକଟରେ ଗ୍ରାମବାସୀ ।

# ଆଇନ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ବିଚାରପତି ଓ ଅନ୍ୟମାନେ ସଚେତନ କରାଉଛନ୍ତି।

ମାଲକାନଗିରି, ୧୯।୨ (ଗୌରୀଶଙ୍କର ପଣ୍ଡା)

ମାଲକାନଗିରି ଜିଲା ମାଥିଲି ବ୍ଲକ ପାଙ୍ଗାମ ଉଚ୍ଚ ବାଳିକା ବିଦ୍ୟାଳୟରେ ମଙ୍ଗଳ ବିଭାଗ ଦ୍ୱାରା ଜିଲା ତଥା ଦୌରା ଜଜ୍ ଡାକ୍ତର ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଜିଲା ଆଇନସେବା ପ୍ରାଧିକରଣ ଦ୍ୱାରା ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରଧାନ ଶିକ୍ଷକ ଅତିଥି ପରିଚୟ ପ୍ରଦାନ ସହ ସଚେତନତାର ଆଭିମୁଖ୍ୟ ଉପରେ ଛାତ୍ରୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ ତଥା ଆଇନସେବା ପ୍ରାଧିକରଣ ବିଚାରପତି ସଙ୍ଗୀତା ପାତ୍ର ଅଧକ୍ଷତା କରିଥିଲେ। ଆଇନସେବା ପ୍ରାଧିକରଣ ପ୍ରମୁଖ ଆଇନସେବା ପ୍ରତିରକ୍ଷା ଓକିଲ ତଥା ଶିଶୁ ମଙ୍ଗଳ କମିଟି ପୂର୍ବତନ ଅଧକ୍ଷ ଅଶୋକ କୁମାର ପଟ୍ଟନାୟକ ଓ ଓକିଲ ସାଗର ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଚାରପତି ସୁଶ୍ରୀ ସଂଗୀତା ପାତ୍ର ଓ ପ୍ରତିରକ୍ଷା ଆଇନଜ୍ଞମାନେ ପ୍ରାଧିକରଣ ୧୯୮୭ କର୍ମ କ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡନ ନିରୋଧ ଆଇନ, ପୀଡିତା କ୍ଷତିପୂରଣ ସମ୍ପର୍କିତ ନିୟମାବଳୀ, ଫୌଜଦାରୀ ମାମଲା ସମ୍ପର୍କିତ ବିଭିନ୍ନ ଆଇନ ବିଷୟରେ ବୁଝାଇବା ସହ ଶିଶୁସୁରକ୍ଷା, ବାଲ୍ୟ ବିବାହ ପ୍ରତିରୋଧ, ପୋକ୍ସୋ ଆଇନ ସମ୍ପର୍କରେ ଛାତ୍ରୀଙ୍କୁ ସଚେତନ କରାଇବା ସହ ବାଳିକାମାନଙ୍କ ନିମନ୍ତେ ଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ବୁଝାଇଥିଲେ । ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରି ଥିଲେ ।

# ବୃଦ୍ଧାଙ୍କୁ ଗର୍ଭବତୀ ଦର୍ଶାଇ ମମତା ଯୋଜନା ଅର୍ଥ ହରିଲୁଟ

## ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି

କୋରୁକୋଣ୍ଡା, ୧୯।୨ (ଶିବଦତ୍ତ ସାହୁ)

୫୧ ଓ ଏହାଠାରୁ ଅଧିକ ବୟସର ବୃଦ୍ଧାଙ୍କୁ ଗର୍ଭବତୀ ଦର୍ଶାଇ ତାଙ୍କ ନାମରେ ମମତା ଯୋଜନାରେ ଆସୁଥିବା ଅର୍ଥ ହରିଲୁଟ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ଡୁଡ଼ାମେଟା ପଞ୍ଚାୟତ ଏମ୍‌ଭି-୨୩ ଏବଂ ଆଖପାଖ ଗାଁରୁ। ତେବେ ମମତା ଯୋଜନା ପୋର୍ଟାଲରୁ ମଧ ଏହାର ପ୍ରମାଣ ମିଳିଥିବା ବେଳେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ବୃଦ୍ଧାଙ୍କୁ ଗର୍ଭବତୀ ଦର୍ଶାଇ ମମତା ଯୋଜନାରେ କରାଯାଇଛି ଲକ୍ଷାଧିକ ଟଙ୍କାର ହରି ଲୁଟ୍। ବୃଦ୍ଧାଙ୍କୁ ଗର୍ଭବତୀ ଦର୍ଶାଇ ମମତା ଯୋଜନା ମାଧ୍ୟମରେ ତାଙ୍କ ନାମରେ ଆସିଥିବା ୬ ହଜାର ଟଙ୍କାର ସହାୟତା ରାଶିକୁ ବ୍ୟାଙ୍କ ଖାତାରୁ ଗ୍ରାମର ଜଣେ ବ୍ୟକ୍ତି ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଏହି ଅର୍ଥ କାହାକୁ ଯାଉଛି ଏବଂ ଏଥିରେ ବିଭାଗୀୟ ଅଧିକାରୀଙ୍କ ଭୂମିକା କଣ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଏ ବିଷୟରେ ଆମେ ଅଙ୍ଗନୱାଡ଼ି କର୍ମୀ ସବିତା ରାଣା ଓ ଆଶା କର୍ମୀ ମାୟାରାଣୀ ଘରାମୀଙ୍କୁ ପଚାରିବାରୁ ସେମାନେ ଏ ସମ୍ପର୍କରେ କିଛି ଜାଣି ନାହାନ୍ତି ବୋଲି କହିଛନ୍ତି। କିପରି ଭାବେ ବୃଦ୍ଧାଙ୍କୁ ସରକାରୀ କାଗଜ କଲମରେ ଗର୍ଭବତୀ ଦର୍ଶା ଯାଇଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାକୁ ନେଇ ବୃଦ୍ଧାମାନେ ଗଣ ମାଧ୍ୟମ ଆଗକୁ ଆସିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତ। ଏହି ଘଟଣାକୁ ନେଇ କୋରୁକୋଣ୍ଡା ଭରପ୍ରାପ୍ତ ସିଡିପିଓ ରଜନୀ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ ମଧ ଘଟଣା ବିଷୟରେ ଆଦୌ ଅବଗତ ନ ଥିବା କହିଛନ୍ତି। ଏହି ଘଟଣାର ଉପଯୁକ୍ତ ତଦନ୍ତ କରିବେ ବୋଲି କହିଛନ୍ତି।


ଯୁକ୍ତ ୨ ପରୀକ୍ଷା ଦେବାକୁ ଆସିଥିବା ଛାତ୍ରୀଛାତ୍ର।

# କଡ଼ା ସୁରକ୍ଷାରେ ଯୁକ୍ତ ୨ ପରୀକ୍ଷା

ଏମ୍‌ଭି ୭୯, ୧୯।୨ (ଭିକି ବାରିକ)

ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ଉରୁବାଲିରେ ଖୋଲାଯାଇଥିବା ଯୁକ୍ତ ୨ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଡ଼ା ସୁରକ୍ଷାରେ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହୋଇଛି । ଛାତ୍ରୀଛାତ୍ରମାନେ ପରୀକ୍ଷା ହଲ୍‌କୁ ଯିବା ପୂର୍ବରୁ ଯାଞ୍ଚ କଡ଼ାକଡ଼ି କରାଯାଉଛି। କାଲିମେଳା ଗୋପବନ୍ଧୁ ଆଞ୍ଚଳିକ କନିଷ୍ଠ ମହାବିଦ୍ୟାଳୟରୁ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ପଠାଯାଉଛି। ଉରୁବାଲି ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ଅରୁଣ କୁମାର ଗମାଙ୍ଗ ପରୀକ୍ଷା କିଭଳି ଶାନ୍ତିଶୃଙ୍ଖଳାର ସହ ହୋଇପାରିବ ସେଥିପାଇଁ ପଦକ୍ଷେପ ନେଇଛନ୍ତି।

# ଜଳଭଣ୍ଡାରରେ ବୁଡ଼ି ମହିଳା ମୃତ

ମାଲକାନଗିରି, ୧୯।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗରି ଜିଲା ବାଲିମେଳା ଜଳଭଣ୍ଡାରରେ ବୁଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚିତ୍ରକୋଣ୍ଡା ବ୍ଲକ ପଣସପୁଟ ପଞ୍ଚାୟତ ଜମଗଡ ଗ୍ରାମର ଇଚ୍ଛାବତୀ କିର୍ସାନୀ (୪୦) । ମଙ୍ଗଳବାର ସନ୍ଧ୍ୟାରେ ବାଲିମେଳା ଜଳଭଣ୍ଡାରକୁ ସ୍ନାନ କରିବାକୁ ଯାଇଥିଲେ । ରାତି ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ ଟାରେ ତାଙ୍କ ମୃତଦେହ ଜଳଭଣ୍ଡାରରେ ଭାସୁଥିବା ଗ୍ରାମବାସୀ ଦେଖି ପରିବାର ବର୍ଗଙ୍କ ସହ ଜଡାମ୍ବ ଥାନାକୁ ଜଣାଇଥିଲେ। ପୋଲିସ ମୃତଦେହକୁ ଜବତ କରିବା ସହ ବ୍ୟବଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ତେବେ ସନ୍ଧ୍ୟାରେ ସେ ସ୍ନାନ କରିବାକୁ ଯାଇଥିବା ବେଳେ ଗୋଡ ଖସି ଜଳଭଣ୍ଡାରରେ ବୁଡି ଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡଛି।

# ଗୋବିନ୍ଦପାଲ୍ଲୀକୁ ବ୍ଲକ୍ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର


ଜିଲାପାଳଙ୍କୁ ସରପଞ୍ଚମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଉଛନ୍ତି ।

ଗୋବିନ୍ଦପାଲି, ୧୯।୨ (କାର୍ତ୍ତିକ ରଥ)

ଗୋବିନ୍ଦପାଲିକୁ ବ୍ଲକ୍ ମାନ୍ୟତା ଦେବା ପାଇଁ ବୁଧବାର ମାଲକାନଗିରି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଛନ୍ତି ୭ ସରପଞ୍ଚ। ଜିଲା ସରପଞ୍ଚ ସଂଘ ସଭାପତି ଶ୍ରୀନିବାସ ମୁଦୁଲିଙ୍କ ନେତୃତ୍ୱରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଛନ୍ତି। ଗୋବିନ୍ଦପାଲ୍ଲୀରେ ବହୁ ବର୍ଷ ପୂର୍ବେ ବ୍ଲକ୍ ରହିଥିଲା । କିନ୍ତୁ କାଳକ୍ରମେ ଏହାକୁ ପରିବର୍ତ୍ତନକରି ଖଇରପୁଟକୁ ସ୍ଥାନାନ୍ତର କରାଯାଇଥିଲା। ଫଳରେ ଖଇରପୁଟ ବ୍ଲକ୍ ଗୋବିନ୍ଦପାଲ୍ଲୀ, ବଡଦୁରାଲ,ମାଡ଼କାପଦର, କଦମଗୁଡ଼ା ଓ ମାଥିଲି ବ୍ଲକ୍ ଉଦୁଲିବେଡ଼ା, ଧୁଙ୍ଗିଆପୁଟ ଓ କୁରୁନିପାଲ୍ଲୀ ନିଜ ବ୍ଲକ୍‌ଠାରୁ ଦୂରେଇ ଗଲା। ବର୍ତ୍ତମାନ ସରକାର ବ୍ଲକ୍ ଓ ପଞ୍ଚାୟତ ସଂଖ୍ୟା ବଢ଼ାଇବାକୁ ଚାହୁଁଥିବା ବେଳେ ଏହି ୭ ସରପଞ୍ଚ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ୬ ପଞ୍ଚାୟତର କେନ୍ଦ୍ରସ୍ଥଳରେ ଗୋବିନ୍ଦପାଲ୍ଲୀ ଥିବାରୁ ପଞ୍ଚାୟତ ସମିତି କରିବାକୁସରପଞ୍ଚମାନେ ଦାବି ଜଣାଇଛନ୍ତି।


କୋରୁକୋଣ୍ଡା ବ୍ଲକ୍ ପୋଟ୍ରେଲ ପଞ୍ଚାୟତ ଏମ୍‌ଭି-୫୩ ଗ୍ରାମରେ ମା' କାଳୀଙ୍କ ପୂଜାର୍ଚ୍ଚନା

# ଏମ୍‌ଭି-୫୩ ଗାଁରେ କାଳୀପୂଜା

କୋରୁକୋଣ୍ଡା, ୧୯।୨ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ପୋଟ୍ରେଲ ପଞ୍ଚାୟତ ଏମ୍‌ଭି-୫୩ ଗ୍ରାମରେ କାଳୀପୂଜା କମିଟି ସଭାପତି ଅଜିତ କୁମାର ରାୟ, ସମ୍ପାଦକ ଆଶିଷ ମଣ୍ଡଳ ଏବଂ ଗ୍ରାମ କମିଟି ସଭାପତି ଗୌତମ ସିକଦାର, ସମ୍ପାଦକ ବିଶ୍ୱପତି ବିଶ୍ୱାସ, ବରିଷ୍ଠ ନାଗରିକ ନାରାୟଣ ସିକଦାର ଓ ଅନ୍ୟ କାମକର୍ତ୍ତାଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି ମା' କାଳୀଙ୍କ ଆବାହନ । ଦୀପାବଳିରେ କାଳୀଙ୍କ ପୂଜା ହେଉଥିବା ବେଳେ ଜିଲାରେ ବାସ କରୁଥିବା ବାଙ୍ଗୀୟ ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ ଗ୍ରାମରେ ବର୍ଷ ତମାମ ମା'ଙ୍କୁ ଆବାହାନ କରାଯାଇଥାଏ। ଦୀର୍ଘ ବର୍ଷ ଧରି ଗ୍ରାମରେ ଏପରି ଭିନ୍ନ ପରମ୍ପରା ଶତାଧିକ ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଅବସରରେ ଗ୍ରାମର ମହିଳାମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପୂଜାରେ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଲୋକେ ଉପସ୍ଥିତ ଥିଲେ।

# କୋଇକୋଣ୍ଡା ଆଶ୍ରମ ବିଦ୍ୟାଳୟରେ ପ୍ରତିଭା ଅନ୍ୱେଷଣ ଉତ୍ସବ

କାଳିମେଳା, ୧୯।୨ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ବ୍ଲକ୍ କୋଇକୋଣ୍ଡା ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଳିମେଳା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌମ୍ୟରଞ୍ଜନ ନାୟକଙ୍କ ଅଧକ୍ଷତାରେ ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରା, ମୁଖ୍ୟବକ୍ତା ଜୀବନକୃଷ୍ଣ ଦାସ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ମହାରାଜପାଲ୍ଲୀ ସରପଞ୍ଚ ମୁତା ସୋଡ଼ି, ସାମାଜିକ କର୍ମୀ ଡି. ବିଶ୍ୱନାଥ ରେଡ୍ଡୀ,ସ୍ଥାନୀୟ ସିଆର୍‌ସିସି କୃତ୍ତିବାସ ସାମନ୍ତରାୟ , ମୋଟୁ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ସ୍ୱାଇଁ, ବିଦ୍ୟାଳୟ କମିଟି ସଭାପତି ବୁଦ୍ରା କବାସି ପ୍ରମୁଖ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ଉମାଚରଣ ପଟ୍ଟନାୟକ ଯୋଗ ଦେଇଥିଲେ। ମୋଟୁ ଆଶ୍ରମ ବିଦ୍ୟାଳୟ ସହକାରୀ ଶିକ୍ଷକ ଅରବିନ୍ଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ପରେ ପ୍ରଧାନ ଶିକ୍ଷକ ରମାକାନ୍ତ ବେହେରା ବାର୍ଷିକ ବିବରଣୀ ପାଠକରି ବିଦ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ ଅତିଥିଙ୍କୁ ଅବଗତ କରାଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ମାଲକାନଗିରିର ବଡ଼ଯାତ୍ରା: ଲୋପପାଉଛି ପୌରାଣିକ ତଥ୍ୟ

ମାଲକାନଗିରି, ୧୯।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ପ୍ରତି ୨ ବର୍ଷରେ ବଡ ଯାତ୍ରା ପାଳନ କରାଯାଇଥାଏ। ଏହାର ପୌରାଣିକ ଓ ଐତିହାସିକ ତଥ୍ୟ ଲୋପ ପାଉଥିବାରୁ ଏ ସମ୍ବନ୍ଧରେ ତଳସାହିର ଶତାୟୁ ଜଗବନ୍ଧୁ ଚିଟିକି ଓ ତାଙ୍କ ସ୍ତ୍ରୀ ବନଦେଇ ଚିଟିକି (୯୫) କହିଛନ୍ତି, ରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣଙ୍କ ସହ ୧୪ ବର୍ଷ ଦଣ୍ଡକାରଣ୍ୟରେ ବାସ କରୁଥିଲେ। ଦ୍ୱାପର ଯୁଗରେ କୃଷ୍ଣ, ଭୀମ ଓ ଅର୍ଜୁନ ଗୁରୁକୁଳ ଆଶ୍ରମରେ ରହି ଗୁରୁଙ୍କଠାରୁ ଶିକ୍ଷା ଗ୍ରହଣ କରୁଥିଲେ । ବିଦାୟ ନେବା ପୂର୍ବରୁ ଦକ୍ଷିଣା ଦେବାପାଇଁ ଶପଥ କରିଥିଲେ । ଗୁରୁ ଶାନ୍ତିପନି ପଣ୍ଡା କହିଥିଲେ, ମୋର ୩ ପୁଅଙ୍କ ମୃତ୍ୟୁ ଘଟିଛି । ସେମାନଙ୍କୁ ଏବେବି ମୁଁ ମନେ ପକାଉଛି । ଯଦି ଗୁରୁ ଦକ୍ଷିଣା ଦେବ ତେବେ ମୋ ୩ ପୁଅଙ୍କୁ ଜୀବନ୍ତ ମୋ ପାଖକୁ ପହଞ୍ଚାଇ ପାରିବ କି ? ନିଶ୍ଚୟ ଆଣିଦେବୁ କହି ଗୁରୁଙ୍କଠାରୁ ବିଦାୟ ନେଇଥିଲେ। ଏହାପରେ ଏହି ୩ ଦେବତା ଜମପୁରରେ ପହଞ୍ଚିଥିଲେ । ଜମ ରାଜା ପ୍ରଣିପାତ ହୋଇ ନହରକୁ ନେଇ ଆସିବାର କାରଣ ପଚାରିଥିଲେ। କେଉଁ କାରଣରୁ ଆମ ଗୁରୁଙ୍କ ୩ ପୁଅଙ୍କ ଜୀବନ ନେଇଛ। ସେମାନଙ୍କୁ ଆମକୁ ଫେରାଇ ଦେଇ ପାରିବ କି ବୋଲି ଜମଙ୍କୁ କହିଥିଲେ। ଜମରାଜା ଦେବତାଙ୍କ ପାଦତଳେ ପଡି କହିଥିଲେ, ଦେବଗଣ ଏହା ହିଁ ହେବ ମୁଁ ଜାଣିଥିଲି, ସେଥିପାଇଁ ଏହି ୩ ଜଣଙ୍କୁ ମୁଁ ଜମପୁରରେ ବଞ୍ଚାଇ ରଖିଛି। ଆପଣମାନେ ନେଇ ଯାଆନ୍ତୁ । କିନ୍ତୁ ସେହି ସମୟରେ ୩ ପୁଅଙ୍କୁ ପାଇବାରେ ଯେତିକି ଖୁସି ଥିଲା ତାହାଠାରୁ ଦେବତାମାନଙ୍କୁ ଦୁଃଖ ଦେଇଥିଲା ଯଧିଷ୍ଠିରଙ୍କ ପିତା ପାଣ୍ଡୁଙ୍କ ମୃତ୍ୟୁ ହୋଇଥିଲେ ସୁଦ୍ଧା ଜମାଳୟର ଗୋଟିଏ ନିଛାଟିଆ ସ୍ଥାନରେ ଠିଆ ହୋଇଛନ୍ତି। ସେ ମୃତ୍ୟୁପରେ ମୁକ୍ତି ପାଇ ନ ଥିଲେ । ୩ ଦେବତା ଏ ସମ୍ବନ୍ଧରେ ଜମରାଜାଙ୍କୁ ପଚାରିବାରୁ ସେ କରିଥିଲେ ପାଣ୍ଡୁ ମହାରାଜାଙ୍କର ମୃତ୍ୟୁ ଘଟିଥିଲେ ମଧ ସେ ମୋକ୍ଷ ହୋଇ ନ ପାରି ଅଭିଶାପରେ ପେଶି ହେଉଛନ୍ତି। ତାଙ୍କ ଶରୀର ଲୀନ ହୋଇ ପାରୁନାହିଁ। ଜମରାଜା କହିଥିଲେ, ହରିଣ ହରିଣୀ ପ୍ରୀତି ସମୟରେ ପାଣ୍ଡୁରାଜା ଧନୁତୀରରେ ସେମାନଙ୍କୁ ମାରି ଦେଇଥିଲେ । ଫଳରେ ସେମାନଙ୍କ ଅଭିଷାପରେ ଆଜି ସେ ମୋକ୍ଷ ହୋଇ ନ ପାରି ତାଙ୍କ ଶରୀର ଲୀନ ହୋଇ ପାରୁନାହିଁ। ଲକ୍ଷେ ରାଜାଙ୍କୁ ଅନ୍ନଭୋଗ ଦେଲେ ପାଣ୍ଡୁରାଜାଙ୍କ ଶରୀର ମୋକ୍ଷ ହେବ। ଏହି କଥା ୩ ଠାକୁର ଆସି ଯୁଧିଷ୍ଠିରଙ୍କୁ କହିଥିଲେ । ଲକ୍ଷେ ରାଜାଙ୍କୁ ନିମନ୍ତ୍ରଣ କରିବାପାଇଁ ପାତ୍ର ମନ୍ତ୍ରୀଙ୍କୁ ଚାରିଦିଗକୁ ପଠାଯାଇଥିଲା। ତେବେବେ ଦକ୍ଷିଣ ଦିଗରେ ଯାହାକି ଦଣ୍ଡକାରଣ୍ୟ ଆନ୍ଧ୍ର ଓଡ଼ିଶା ସୀମାନ୍ତ ମାଲକାନଗିରି ଜିଲା ପୋଲେରୁ ନଦୀକୂଳ ପର୍ବତମାନଳା, ସେହି ଦିଗକୁ ତିନି ଠାକୁର ରାଜା ଖୋଜିବା ପାଇଁ ବାହାରି ଥିଲେ । ସେଠାରେ ଜାଣିବାକୁ ପାଇଲେ ଜରାସନ୍ଧ ନାମକ ରାଜା ସେ ଜଗତରେ ସର୍ବଶ୍ରେଷ୍ଠ ହେବାପାଇଁ ମା' ମୁତାଲମା ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରି ଲକ୍ଷେ ରାଜାଙ୍କୁ ମା' ଙ୍କ ନିକଟରେ ବଳି ଦେବେ ବୋଲି ସଂକଳ୍ପ କରିଥିଲେ । ସେହି ଅନୁଯାୟୀ ରଜାଙ୍କୁ ମାନ୍ୟମକୋଣ୍ଡା ନିକଟ ବିରାଟ ପର୍ବତମାଳା ମଝିରେ ବନ୍ଦୀକରି ରଖିଥିଲେ । ଏହା ଜାଣିବା ପରେ କିପରି ଜରାସନ୍ଧ ବନ୍ଧକରି ତାଙ୍କ କବଳରୁ ଏହି ରାଜାମାନଙ୍କୁ ମୁକ୍ତ କରାଯିବ ସେଥିପାଇଁ ଆନ୍ଧ୍ର ସୀମା ପାଲୁରୁ ନଦୀକୂଳରେ ଜରାସନ୍ଧଙ୍କ ନିବାସରେ ପ୍ରବେଶ କରିବେ ତାହାର ପ୍ରସ୍ତୁତି କରିଥିଲେ । ୩ ଠାକୁର ରାଜାଙ୍କୁ ମୁକ୍ତି କରିବା ପାଇଁ ଅନୁରୋଧ କରିଥିଲେ । କିନ୍ତୁ ଅନୁରୋଧ ରକ୍ଷା ନ କରିବାରୁ ଜରାସନ୍ଧଙ୍କ ସହ ଯୁଦ୍ଧ କରିଥିଲେ । ଭୀମଙ୍କ ହାତରେ ଜରାସନ୍ଧଙ୍କ ମତ୍ୟୁ ପୂର୍ବରୁ ରାଜାମାନଙ୍କୁ ଦେବ ମୁତ୍ୟାଲାମାଙ୍କୁ ସନ୍ତୁଷ୍ଟ କରିବା ପାଇଁ ମୁଁ ବନ୍ଦୀ କରି ରଖିଛି । ମା'ଙ୍କୁ ସନ୍ତୁଷ୍ଟ କଲେ ତୁମେମାନେ ଓ ରାଜାମାନେ ବଞ୍ଚି ପାରିବେ ବୋଲି କହିଥିଲେ । ୩ ଠାକୁର ଦେବୀ ମୁତ୍ୟାଲାମାଙ୍କ ଶରଣ ପଶି ନିଜର ପରିଚୟ ଦେବା ସହ ଆପଣଙ୍କୁ ଲକ୍ଷେ ବଳି ଦେବୁ ଆପଣ ଲକ୍ଷେ ରାଜାଙ୍କୁ ଛାଡିଦେଲେ ପିତାମହ ପାଣ୍ଡୁ ଜମପୁରରେ ବହୁ କଷ୍ଟ ପାଉଥିବାରୁ ମୁକ୍ତି ପାଇବା ସହ ତାଙ୍କର ଶରୀର ମୋକ୍ଷ ହେବ ବୋଲି କହିଥିଲେ । ମା' ଏଥିରେ ସନ୍ତୁଷ୍ଟ ହେବା ସହ କିପରି ଲକ୍ଷେ ବଳି ଦେବ ବୋଲି କହିବାରୁ ମାନ୍ୟମକୋଣ୍ଡାଠାରୁ ମାଲକାନଗିରି ପର୍ଯ୍ୟନ୍ତ ପ୍ରତି ୨ ବର୍ଷରେ ଶହେ କି.ମି.ଯାତ୍ରା ସମୟରେ ଲକ୍ଷେ ବଳି ଦିଆଯିବା ପ୍ରତି ୨ ବର୍ଷରେ ଥରେ ମାଉଲିମା ମନ୍ଦିରକୁ ତଳସାହିର ସେବକ ଓ ପୂଜାରୀମାନେ ମାସକ ପୂର୍ବରୁ ମାନ୍ୟମକୋଣ୍ଡାରେ ପହଞ୍ଚି ପର୍ବତ ଚଟାଣ ଉପରେ ୩ ଠାକୁରଙ୍କ ମୂର୍ତ୍ତି ତିଆରି କରିବା ସହ ସପ୍ତାହ ଧରି ପୂଜାର୍ଚ୍ଚନା କରିବା ପରେ ବିମାନରେ ଆନ୍ଧ୍ର ଓଡିଶା ପୋଲେରୁ ନଦୀ ତାଡକା ତୁଠରେ ସ୍ନାନ କରିବା ପୂର୍ବରୁ ନିକଟରେ ଥିବା ଏକ ଛୋଟ କୁଣ୍ଡରେ ଦୁଇଟି ଛୋଟ ଛୋଟ ମାଛ ଆସନ୍ତି । ଉକ୍ତ ଦୁଇଟି ମାଛ ଆସିବା ପରେ ୩ ଠାକୁରଙ୍କ ସ୍ନାନ ଓ ନୌକା ବିହାର, ପରେ ଆନ୍ଧ୍ରର ପୋଲୁରୁଠାରେ ଥିବା ମୁତ୍ୟାଲାମାଙ୍କ ମନ୍ଦିରକୁ ନେଇ ପୂଜାର୍ଚ୍ଚନା ସହ ଛେଳି, କୁକୁଡା ବଳି ଦେଇ ଯାତ୍ରାର ଶୁଭାରମ୍ଭ ହୋଇଥାଏ । ସେହିଠାରୁ ବିଭିନ୍ନ ଗ୍ରାମ ଦେଇ ଆସିବା ସମୟରେ ହଜାର ହଜାର ଭକ୍ତ ସେମାନଙ୍କ ମାନସିକ ପୂରଣ ପାଇଁ ପୂଜା ସହ ବଳି ଦେଇଥାନ୍ତି।


ଠାକୁରାଣୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

**ଯୁବକଙ୍କୁ ଆକ୍ରମଣ, ଟଙ୍କା ଲୁଟ୍**

ଜୟପୁର, (ପବନ ପାଣିଗ୍ରାହୀ)- ଜୟପୁର କେନାଲ ରୋଡରେ ଜଣେ ଯୁବକ ରାସ୍ତା କଡରେ ଗାଡି ରଖି ପରିଶ୍ରା କରୁଥିବା ସମୟରେ ୩ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ୪ ହଜାର ଟଙ୍କା ଓ ହେଡଫୋନ ଚୋରି କରି ନେଇଯାଇଥିଲେ। ଏ ନେଇ ଯୁବକ ଥାନାରେ ଅଭିଯୋଗ କରି ନାହାନ୍ତି।



## ସଂକ୍ଷେପରେ

### ହାଇୱା-ଅଟୋ ମୁହାଁମୁହିଁ ଘଟଣା, ଡ୍ରାଇଭର ଗିରଫ

ଜୟପୁର,୧୯।୨(ପବନ ପାଣିଗ୍ରାହୀ)- ଜୟପୁର ୨୬ ନଂ. ଜାତୀୟ ରାଜପଥର ଡିମଲା ନିକଟରେ ହାଇୱା ଓ ଅଟୋ ମୁହାଁମୁହିଁ ହୋଇ ୩ ଶ୍ରମିକ ମୃତ୍ୟୁ ଘଟଣାରେ ଡ୍ରାଇଭରଙ୍କୁ ସଦର ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ମାଲକାନଗିରି କୁଡୁମୁଲଗୁମର ମହେଶ୍ୱର ରାଉତ। ସୂଚନାଯୋଗ୍ୟ, ସୋମବାର ହାଇୱା ଓ ଅଟୋ ମୁହାଁମୁହିଁ ହୋଇ ଲମତାପୁଟ ବ୍ଲକ୍ ଲେଞ୍ଜା ଗ୍ରାମର ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ହାଇୱା ଡ୍ରାଇଭର ଫେରାର ରହିଥିବା ବେଳେ କ୍ଷତିପୂରଣ ଦାବିରେ ମୃତକଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ସଦର ଥାନା ପୋଲିସ ଲୋକଙ୍କୁ ବୁଝାଶୁଝାକରି ରାସ୍ତା ଅବରୋଧ ହଟାଇଥିଲା। ଏ ନେଇ ଜୟପୁର ସଦର ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ଜୟପୁର ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

### ସୁନାବେଡ଼ାରେ ଯୋଗ ଦେଲେ ନୂତନ ଏସ୍‌ଡିପିଓ

ସୁନାବେଡ଼ା/ସେମିଳିଗୁଡା,୧୯।୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)- ସୁନାବେଡ଼ା ଏସ୍‌ଡିପିଓ ଭାବେ ସୁମିତ୍ରା ଜେନା ଯୋଗ ଦେଇଛନ୍ତି। ପୂର୍ବତନ ଏସ୍‌ଡିପିଓ ମନୋବ୍ରତା ଶତପଥୀଙ୍କ



ଏଏସ୍‌ପି ପଦୋନ୍ନତି ପରେ ତାଙ୍କର ଜିଲା ମୁଖ୍ୟାଳୟକୁ ବଦଳି ହୋଇଛି। ପୂର୍ବରୁ କଳାହାଣ୍ଡି ଜିଲା ମୁଖ୍ୟ କାର୍ଯ୍ୟାଳୟରେ ଡିଏସ୍‌ପି କାର୍ଯ୍ୟ କରି ଆସିଛନ୍ତି। ୨୦୧୯/୨୦ରେ ସେ ସୁନାବେଡ଼ା ଥାନା ଆଇଆଇସି ଥିଲେ। ସୁନାବେଡା ଉପଖଣ୍ଡ ଅଞ୍ଚଳରେ ଆଇନ ଶୃଙ୍ଖଳା ବଜାୟ ରଖିବା ସହ ବିଭିନ୍ନ ଅପରାଧିକ କାର୍ଯ୍ୟ ଉପରେ ବିଶେଷ ନଜର ରଖାଯିବା ସହ ଗଞ୍ଜେଇ ଏବଂ ଚନ୍ଦନ କାଠ ଚୋରା ଚାଲାଣ ଉପରେ ମଧ୍ୟ ନଜର ରହିବ ବୋଲି ଏସ୍‌ଡିପିଓ ସୁମିତ୍ରା କହିଛନ୍ତି।

### ଦାଦନ ଶ୍ରମିକ ନିଖୋଜ

ଦଶମନ୍ତପୁର, ୧୯।୨(ଅରବିନ୍ଦ ନାୟକ)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ଲୁଲା ପଞ୍ଚାୟତ ଅଧୀନ କେ. ବେଡ଼ାପଦର ଗ୍ରାମର ଜଣେ ଦାଦନ ଶ୍ରମିକ ୯ ଦିନ ହେବ ନିଖୋଜ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେ ହେଲେ ଲବିନ ସାଉନ୍ତା(୨୮)। ସୂଚନାଯୋଗ୍ୟ, ଫେବୃଆରୀ ୭ରେ ଦୁର୍ଯ୍ୟୋ ସାଉନ୍ତା, ସୁଶାନ୍ତ ଭତ୍ରା ଓ ଶିଶିର ଖୋସ୍‌ଲାଙ୍କ ସହ ଲବିନ୍ ବେଙ୍ଗାଲୁରୁ କୁଲି କାମ ପାଇଁ ବାହାରିଥିଲେ। ଆନ୍ଧ୍ରପ୍ରଦେଶର ବିଜୟବେଡ଼ାସ୍ଥିତ ମାର୍କାପୁରମ ଷ୍ଟେଶନରେ ଲବିନ୍ ଖାଦ୍ୟ କିଣିବାକୁ ଓହ୍ଲାଇଥିଲେ। ଏହି ସମୟରେ ଟ୍ରେନ୍‌ଛାଡ଼ିଦେଇଥିଲା। ପୋଲିସ ଜାଣିବା ପରେ ତାଙ୍କୁ ଓଡ଼ିଶା ଆସୁଥିବା ପ୍ରଶାନ୍ତି ଏକ୍ସପ୍ରେସ୍‌ରେ ବସାଇଦେଇଥିଲେ। ଫୋନ୍‌କରି ଫଟୋ ସହ ପରିବାରକୁ ଘଟଣା ସମ୍ପର୍କରେ ଜଣାଇଥିଲେ। କିନ୍ତୁ ୯ ଦିନ ହେବ ଲବିନ ଘରକୁ ଫେରି ନ ଥିବା ଜଣାପଡ଼ିଛି। ଯୁବକଙ୍କ ସନ୍ଧାନ ପାଇଲେ ଫୋନ ନଂ.୮୨୬୦୭୧୦୫୦୧ରେ ଜଣାଇବା ପାଇଁପରିବାର ଲୋକେ ନିବେଦନ କରିଛନ୍ତି। ଲବିନ୍‌ଙ୍କ ଫେରିବା ବାଟକୁ ସ୍ତ୍ରୀ ଘାସେ, ୨ ପୁଅ ଓ ୩ ଝିଅ ଅପେକ୍ଷାକରି ରହିଛନ୍ତି।

# କୋଟିଆ ସୀମାନ୍ତ ଗ୍ରାମରେ ଆନ୍ଧ୍ର ସିପିଆଇଏମ୍‌ର ଅନୁପ୍ରବେଶ

## ଗ୍ରାମବାସୀଙ୍କୁ ନେଇ ବୈଠକ

ପଟ୍ଟାଙ୍ଗି,୧୯।୨(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧିନରେ ଥିବା କୋଟିଆ ପଞ୍ଚାୟତରେ ପଡୋଶୀ ଆନ୍ଧ୍ରର ସିପିଆଇଏମ୍ ଦଳ ବାରମ୍ବାର ଅନୁପ୍ରବେଶ କରି ଗ୍ରାମବାସୀଙ୍କୁ ନେଇ ବିଭିନ୍ନ ସ୍ଥାନରେ ବୁଧବାର ବୈଠକ କରିଥିବା ଜଣାପଡ଼ିଛି। ଓଡ଼ିଶାର ସରକାରୀ ଅଧିକାରୀଙ୍କ ଦ୍ୱାରା ନିର୍ଯାତନା ହେଉଥିବା ଦୃଶ୍ୟ ଉପରେ ଆନ୍ଧ୍ର ରାଜ୍ୟ ସରକାର ଦୃଷ୍ଟି ଦେବା ନେଇ ଦାବି କରିଛନ୍ତି। ଉକ୍ତ ପଞ୍ଚାୟତର ସୀମାନ୍ତ ଗ୍ରାମ ଯଥା ଉପର ସେମ୍ଭି, ତଳ ସେମ୍ଭି ଓ ଧୁଳିପଦର ପ୍ରମୁଖ ଗ୍ରାମରେ ଦଳର ସେକ୍ରେଟାରୀ ଏମ୍.ଶ୍ରୀନିବାସ୍ ରାଓଙ୍କ ନେତୃତ୍ୱରେ ତାଡିଙ୍ଗି ସନ୍ନମ୍, ସେଥାୟା କମୁଲୁ, ଚରଣ ମାରି, ଚୋଡି ପାଲି ବିରସୁ ଓ କୁନେଟି ସୁବା ପ୍ରମୁଖ ଦଳୀୟ କର୍ମୀ ଅଂଶଗ୍ରହଣ କରି ୩ ଗ୍ରାମରେ ବୈଠକ କରିଥିଲେ। ସୀମାନ୍ତ ବାସିଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ କିଭଳି ସହଯୋଗ ମିଳୁଥିବା ନେଇ ପଚାରି ବୁଝିବା ସହ ଏହି ସ୍ଥିତିରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସରକାରୀ ଯୋଜନା ଠିକ୍ ଭାବେ ପାଉଛନ୍ତି କି ନାହିଁ ମଧ୍ୟ ଆଲୋଚନା କରିଥିଲେ। ଓଡ଼ିଶାର ବିଭିନ୍ନ ସରକାରୀ ଅଧିକାରୀମାନେ ସୀମାନ୍ତ ଗ୍ରାମବାସୀଙ୍କୁ ନିଜ ରାଜ୍ୟର ସରକାରୀ ଯୋଜନା ଯୋଗାଇ ଦେବା ଆଳରେ ନିର୍ଯାତନା ଦେଉଥିବା ଓ ଏହାକୁ ବନ୍ଦ କରିବା ଆବଶ୍ୟକ ରହିଛି ଦଳ ପକ୍ଷରୁ କୁହାଯାଇଥିଲା। କୋଟିଆ ପଞ୍ଚାୟତରେ ଥିବା ଓଡ଼ିଶା ପୋଲିସର ନିର୍ଯାତନାକୁ ମଧ୍ୟ ଆମେ ଘୋର ବିରୋଧ କରୁଛୁ ବୋଲି ଦଳର ସେକ୍ରେଟାରୀ ଶ୍ରୀନିବାସ୍ ବୈଠକରେ କହିଥିଲେ। ସୀମାନ୍ତବାସୀଙ୍କ ଉପରେ ହେଉଥିବା ନିର୍ଯାତନା ଉପରେ ଆନ୍ଧ୍ର ସରକାର ବା ଆଦିବାସୀ କଲ୍ୟାଣ ମନ୍ତ୍ରୀ ଗୁମ୍ମାଡି ସନ୍ଧ୍ୟା ରାଣୀ ଦୃଷ୍ଟି ଦେଇ ପଦକ୍ଷେପ ନେବା ସହ ସୁରକ୍ଷା ଯୋଗାଇଦେବା ଆବଶ୍ୟକ ରହିଛି ବୋଲି ସେ ଦାବି କରିଛନ୍ତି। ସୀମାନ୍ତ ଗ୍ରାମବାସୀ ଓଡ଼ିଶାର ସରକାରୀ ଅଧିକାରୀଙ୍କ ଦ୍ୱାରା ପାଉଥିବା ନିର୍ଯାତନା ସମ୍ପର୍କରେ ଆନ୍ଧ୍ର ସରକାର ଏବଂ ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କୁ ଆମେ ସାକ୍ଷାତ କରି ସମସ୍ତ ଘଟଣା ସମ୍ପର୍କରେ ଆଲୋଚନା କରିବୁ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇ ଫେରିଛନ୍ତି। ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକ ଅନୁପ୍ରବେଶ ଉପରେ ଅସନ୍ତୋଷ ପ୍ରକାଶ କରି ଉକ୍ତ ପଞ୍ଚାୟତକୁ ଗସ୍ତ କରି ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ତଦନ୍ତ କରିବି ବୋଲି କହିଛନ୍ତି।



ଆନ୍ଧ୍ର ସିପିଆଇଏମ୍ ଦଳର ସଦସ୍ୟମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ବିଭିନ୍ନ ଯୋଜନା ଉପରେ ଚାଷୀଙ୍କୁ ସଚେତନ କରିବ ରଥ

କୋରାପୁଟ,୧୯।୨ (ଅମିତାଭ ବେହେରା)

## ଜଳ ବିଭାଜିକା ଯାତ୍ରା ନେଇ ସଚେତନତା ରଥ ଶୁଭାରମ୍ଭ

କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଳ ବିଭାଜିକା ଯାତ୍ରା ନେଇ ସଚେତନତା ରଥ ବୁଧବାର ଶୁଭାରମ୍ଭ ହୋଇଯାଇଛି। କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲାର ୫ କ୍ଲଷ୍ଟର ବ୍ଲକ୍ ବୋରିଗୁମ୍ମା,ଜୟପୁର, ବୈପାରୀଗୁଡା, କୋରାପୁଟ ଓ ଲମତାପୁଟ ଆଦି ଅଞ୍ଚଳରେ ପରିଭ୍ରମଣ କରି ଜଳ ବିଭାଜିକା ଯାତ୍ରା ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଚାଷୀଙ୍କୁ ସଚେତନ କରିବ ବୋଲି ଜିଲାପାଳ କହିଛନ୍ତି। କ୍ଲଷ୍ଟର ମୋଡରେ ଫାର୍ମ ପଣ୍ଡ ଏବଂ ପ୍ରଧାନମନ୍ତ୍ରୀ କୃଷି ସିଂଚାୟ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଯିବ ବୋଲି ସେ କହିଛନ୍ତି। ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶିବ ଚରଣ ଜେଠୀ ପରିଚାଳନା କରିଥିଲେ। ବିଭାଗୀୟ ଏପିଡି ସୁମନ ରାଉତ, ଏପିଡି ଜୟଶଙ୍କର ପ୍ରଧାନ, ବିଭାଗୀୟ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଲୁଟ୍ ମାମଲାରେ ୩ ଅଭିଯୁକ୍ତ ଗିରଫ

ଜୟପୁର,୧୯।୨(ପବନ ପାଣିଗ୍ରାହୀ)

ଜୟପୁର ସଦର ପୋଲିସ ଲୁଟ୍ ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ୨ଟି ବାଇକ୍, ୩ ଭରି ସୁନା ମଙ୍ଗଳସୂତ୍ର ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ଗୋରାହାଣ୍ଡି ଗ୍ରାମର କର୍ଣ୍ଣ ହରିଜନ(୪୯), ଭାଟିଗୁଡାର ରମେଶ ହରଜିନ(୨୭) ଓ ବୁଟୁଗୁଡା ଗ୍ରାମର ତ୍ରିନାଥ ହରିଜନ(୨୩)। ଜୟପୁର ସିନ୍ଧିଗ୍ରାମର କନକ ଦେଇ ଭତ୍ରା ଲୁଟ୍ ହୋଇଥିବା ନେଇ ସଦର ଥାନାରେ ୨୦୨୪ ଅକ୍ଟୋବର ୪ରେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ୨୦୨୪ ଅକ୍ଟୋବର ୩ରେ ହାଡିଆରୁ ଆସୁଥିବା ସମୟରେ ସିନ୍ଧିଗାଁ ନିକଟରେ ୩ ମୁଖାଧାରୀ ଦୁର୍ବୃତ୍ତ ବାଇକ୍‌ରେ ଆସି ମଙ୍ଗଳସୂତ୍ର ଲୁଟ କରି ହାଡିଆ ଗ୍ରାମ ଆଡେ ଚମ୍ପଟ ମାରିଥିଲେ। ପୋଲିସ ୩୦୨/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିପରି ଅନ୍ୟ ଏକ ପେପର ମିଲ ଛକ ଲୁଟ୍ ମାମଲାରେ ମଧ୍ୟ ୩ ଅଭିଯୁକ୍ତ ଜଡିତ ଥିବା ତଦନ୍ତରୁ ଜଣାପଡ଼ିଛି। ୨୦୨୫ ଫେବୃଆରୀ ୧୮ରେ ୩ ଅଭିଯୁକ୍ତ ପେପର ମିଲ ଛକରେ ଜଣେ ମହିଳାଙ୍କଠାରୁ ମଙ୍ଗଳସୂତ୍ର ଲୁଟ୍ କରିଥିବା ପ୍ରକାଶ ଚନ୍ଦ୍ର ମହାନ୍ତି ଅଭିଯୋଗ କରିଥିଲେ। ପୋଲିସ ୫୭/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଫଟୋଗ୍ରାଫି ନେଇ ଦିନିକିଆ କର୍ମଶାଳା



କାର୍ଯ୍ୟକ୍ରମରେ ଅତିଥି, ପ୍ରତିଯୋଗୀ ଓ ଅନ୍ୟମାନେ।

କୋରାପୁଟ,୧୯।୨ (ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସୁନାବେଡା କ୍ୟାମ୍ପସରେ ଫଟୋଗ୍ରାଫି ଉପରେ ଏକ ଦିବସୀୟ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ଶାଖା, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଏବଂ ନିକନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ କର୍ମଶାଳା ହୋଇଥିଲା। ଛାତ୍ରୀଛାତ୍ର ଫଟୋଗ୍ରାଫିର ମୌଳିକ ଶିକ୍ଷା ଗ୍ରହଣ କରିବେ ବୋଲି କୁଳପତି ଚକ୍ରଧର ତ୍ରିପାଠୀ ଶୁଭେଚ୍ଛା ଜଣାଇଥିଲେ। ଅଧିବେଶନରେ ମୁଖ୍ୟ ଅତିଥି ଅର୍ଥନୀତି ବିଭାଗର ଅଧ୍ୟାପକ ପ୍ରଫେସର ରଥିକାନ୍ତ କୁମ୍ଭାର ଓ ନିକନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର କ୍ରିୟେଟିଭ ଫୋଟୋଗ୍ରାଫର ଦେବୀ ମୁଖାର୍ଜୀ ଯୋଗ ଦେଇଥିଲେ। ଜାତୀୟ ଶିକ୍ଷା ନୀତି(ଏନ୍ଇପି) ମିଶନ ଅନୁଯାୟୀ ବହୁ ବିଭାଗୀୟ ଶିକ୍ଷାର ଆଭିମୁଖ୍ୟ ହେଉଛି ସମୟର ଆବଶ୍ୟକତା ବୋଲି ପ୍ରଫେସର କୁମ୍ଭାର କହିଛନ୍ତି। କର୍ମଶାଳାରୁ ଫଟୋଗ୍ରାଫି ବିଷୟରେ ସମସ୍ତ ଛାତ୍ରୀଛାତ୍ର ଶିଖିବା ଦରକାର। ଫଟୋଗ୍ରାଫିରେ ମଧ୍ୟ ଜଣେ ପେସାଦାର ଫଟୋଗ୍ରାଫର ଏବଂ ନିୟମିତ ଭାବେ ଫଟୋ ଉଠାଉଥିବା ସାଧାରଣ ଲୋକଙ୍କ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିଥାଏ ବୋଲି ସେ କହିଥିଲେ। ଡ. ନିଖିଳ କୁମାର ଗୌଡ଼ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିକଶିତ ଭାରତ ୨୦୪୭କୁ ବାସ୍ତବ ରୂପ ଦେବା ପାଇଁ ଆମକୁ ଏକ ସୁପରିକଳ୍ପିତ ରୋଡମ୍ୟାପ୍ ଦରକାର ବୋଲି ସେ କହିଥିଲେ। ଡ. ଥୋଟାପଲ୍ଲୀ ଧନ୍ୟବାଦ ଦେଇଥିଲେ। ସହ ଆବାହକ ସୁମିତ କୁମାର ବେହେରା ଉପସ୍ଥିତ ଥିଲେ। ଏଥିରେ ୧୦୦ ଜଣ ପ୍ରତିଯୋଗୀଙ୍କ ସହ ଅଧ୍ୟାପକ ଓ ଗବେଷକମାନେ ଯୋଗ ଦେଇଥିଲେ।

# କେନାଲରୁ ମିଳିଲା ଲକର

## ଟ୍ରାକ୍ଟର ଶୋ ରୁମ୍ ସେଫ୍ଟିଲକର ଲୁଟ୍ ଘଟଣା

ଜୟପୁର,୧୯।୨(ପବନ ପାଣିଗ୍ରାହୀ)

ଜୟପୁର ସହରର ଏକ ଟ୍ରାକ୍ଟର ଶୋ ରୁମରୁ ଚୋରି ହୋଇଥିବା ସେଫ୍ଟିଲକରକୁ ଜୟପୁର ଦମକଳ ବିଭାଗ ଓ ପୋଲିସ କର୍ମଚାରୀ ଗାନ୍ଧୀଛକ ନିକଟ କେନାଲରୁ ଖୋଜାଖୋଜି କରି ପାଇଛନ୍ତି। ଜୟପୁର ଟାଉନ୍ ପୋଲିସ ଟ୍ରାକ୍ଟର ସୋ ରୁମ ଚୋରି ମାମଲାର ତଦନ୍ତ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ହାଟପଦା ଅଞ୍ଚଳର ୪ ଯୁବକଙ୍କୁ ଗିରଫ କରି ପଚରାଉଚରା ପରେ ସେମାନେ ସୋ ରୁମରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ସେଫ୍ଟିଲକରକୁ କେନାଲରେ ପକାଇ ଦେଇଥିବା କହିଥିଲେ। ଟାଉନ ପୋଲିସ ବୁଧବାର ଦୁର୍ବୃତ୍ତଙ୍କୁ ଜାଗା ଚିହ୍ନଟ ପାଇଁ ଆଣିଥିଲେ। ଗାନ୍ଧୀଛକ ନିକଟ କେନାଲରେ ପୋଲିସ ଖୋଜାଖୋଜି କରିଥିଲା। ଏସଡିପିଓ ଅଙ୍କିତ ବର୍ମା କେନାଲ ଡିଭିଜନକୁ ପାଣି ବନ୍ଦ କରିବାକୁ କହିବା ପରେ ପାଣି ସ୍ତର କମିବା ପରେ ଖୋଜାଖୋଜି କରାଯାଇଥିଲା। ସୋ ରୁମ ମାଲିକ ଜି. ବସନ୍ତ ରାଓଙ୍କୁ ଲକର ଖୋଲିବାକୁ କୁହାଯାଇଥିଲା। ସେଥିରେ ୭ଟି ଘରର ପଟ୍ଟା ଓ ରେଜିଷ୍ଟ୍ରେସନ ପେପର ମଧ୍ୟରୁ କେବଳ ୩ଟି ଥିବା ଏବଂ ୨ଲକ୍ଷ ୫୦ ହଜାର ଟଙ୍କା ଚୋରି ହୋଇଯାଇଥିବା କହିଥିଲେ। ସେଫ୍ଟି ଲକରରେ ପାଣି ପଶିଯାଇ ୩ଟି ଦସ୍ତାବିଜ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବସନ୍ତ କହିଛନ୍ତି। ଏ ନେଇ ଗୁରୁବାର ଖବରଦାତା ସମ୍ମିଳନୀ କରି ଘଟଣା ସମ୍ପର୍କରେ ପ୍ରକାଶ କରାଯିବ ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ଧରି ପୋଲିସରେ ଜିମା ଦେଲେ ଲୋକେ

ଜୟପୁର,୧୯।୨(ପବନ ପାଣିଗ୍ରାହୀ)

## ମହିଳା ବ୍ୟବସାୟୀଙ୍କ ଟଙ୍କା ଲୁଟ୍

ଜୟପୁର ମୁଖ୍ୟ ରାସ୍ତାରେ ପରିବା ବିକ୍ରି କରୁଥିବା ଜଣେ ମହିଳା ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ୍ କରି ଫେରାର ହେଉଥିବା ଜଣେ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ବିଦ୍ୟୁତ ଖୁଣ୍ଟରେ ବାନ୍ଧି ବାଡେଇବା ପରେ ପୋଲିସକୁ ଜିମା ଦେଇଥିଲେ। ଅଭିଯୁକ୍ତ ହେଲେ ମାଛବନ୍ଧ ସାହିର। ଲୁଟ୍‌ରେ ସମ୍ପୃକ୍ତ ଅନ୍ୟ ଦୁଇ ଜଣ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ କୁମ୍ଭାର ସାହି ଅଞ୍ଚଳର ରାଜା ଟାକ୍ରି ବିକ୍ରି କରି ରଖିଥିବା ୧୦ ହଜାର ଟଙ୍କାକୁ ଦୁର୍ବୃତ୍ତ ଲୁଟ କରି ନେଇ ଯାଉଥିବା ବେଳେ ସେ ପାଟି କରିଥିଲେ। ରାସ୍ତାରେ ଯାତାୟତ କରୁଥିବା ଲୋକେ ଦୁର୍ବୃତ୍ତଙ୍କୁ ଧରିଥିଲେ।

# ଏବିଭିପି ପକ୍ଷରୁ ଯୁକ୍ତ ୨ କଳା ଶିକ୍ଷାର୍ଥୀଙ୍କୁ ଶୁଭେଚ୍ଛା




ଛାତ୍ରୀମାନେ ବ୍ୟାନର ଧରି ଶୁଭେଚ୍ଛା ଦେଉଛନ୍ତି।

କୋରାପୁଟ,୧୯।୨(ଅମିତାଭ ବେହେରା)

ରାଜ୍ୟରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ କଳା ପରୀକ୍ଷା ଆରମ୍ଭ ହୋଇଥିବା ବେଳେ କୋରାପୁଟ ଜିଲାରେ ପରୀକ୍ଷା ଦେଉଥିବା ସମସ୍ତ ଛାତ୍ରୀଛାତ୍ରୀଙ୍କୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ପକ୍ଷରୁ ଶୁଭେଚ୍ଛା ଦିଆଯାଇଛି। ଜିଲାର ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କୁ ଫୁଲ, ଚନ୍ଦନ, ପେନ୍ ଏବଂ ମିଠା ଦେଇ ଶୁଭେଚ୍ଛା ଜ୍ଞାପନ କରାଯାଇଛି। କୋରାପୁଟ ଯୁକ୍ତ ୨ ମହିଳା ମହାବିଦ୍ୟାଳୟ, ସୁନାବେଡ଼ା ମହିଳା ମହାବିଦ୍ୟାଳୟ, କୋରାପୁଟ ସରକାରୀ ମହାବିଦ୍ୟାଳୟ,କୋଟପାଡ଼ ମହାବିଦ୍ୟାଳୟ ଏବଂ ଜୟପୁରର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଏବିଭିପିର ଯୁବ କର୍ମକର୍ତ୍ତା ଏବଂ ଛାତ୍ରୀଛାତ୍ର ଏକତ୍ରିତ ହୋଇ ଶୁଭେଚ୍ଛା ଦେଇଥିଲେ।

# ୟେଲୋ ବ୍ରିଜ୍ ନିକଟରେ ଫାଙ୍କା ଗୁଳିଚାଳନା

ଜୟପୁର,୧୯।୨(ପବନ ପାଣିଗ୍ରାହୀ)

ଜୟପୁର ସଦରଥାନା ଅନ୍ତର୍ଗତ ୟେଲୋ ବ୍ରିଜରେ ନିକଟରେ ମଙ୍ଗଳବାର ରାତିରେ ଫାଙ୍କା ଗୁଳିଚାଳନା ହୋଇଥିବା ଜଣାପଡିଛି। ବ୍ରିଜ ନିକଟରେ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ବଚସା ବଢିବା ପରେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଉଭୟ ଗୋଷ୍ଠୀ ମଧ୍ୟରୁ କେହି ଜଣେ ଫାଙ୍କା ଗୁଳି ଚାଳନା କରିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡିଙ୍କୁ ପଚାରିବାରୁ ୟେଲୋ ବ୍ରିଜ ନିକଟରେ ଗଣ୍ଡଗୋଳ ହୋଇଛି, ସେଠାରେ ଥିବା ସିମେଣ୍ଟ ଚେୟାର ଓ କିଛି ସାମଗ୍ରୀଗୁଡିକୁ ଭାଙ୍ଗି ଦେଇଛନ୍ତି ବୋଲି ଲିଖିତ ଅଭିଯୋଗ ହୋଇଛି। କିନ୍ତୁ ଗୁଳି ଚାଳନା ନେଇ କୌଣସି ଅଭିଯୋଗ ହୋଇ ନ ଥିବା ସେ କହିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରି ଘଟଣାର ତଦନ୍ତ କରାଯାଉଛି ବୋଲି ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି କହିଛନ୍ତି।

# ବଣ ବିଲେଇ ଉଦ୍ଧାର

ଜୟପୁର,୧୯।୨(ପବନ ପାଣିଗ୍ରାହୀ)- ଜୟପୁର ବନବିଭାଗ ପକ୍ଷରୁ ଦ୍ୱିତୀୟ ଦୈନିକ ବଜାର ନିକଟରେ ଥିବା ଏକ ଟ୍ରାନସଫରମରରୁ ବଣ ବିଲେଇ ଉଦ୍ଧାର କରାଯାଇଛି। ବନାଞ୍ଚଳ ଅଧିକାରୀ ସଚିଦା ନନ୍ଦ ପରିଡା ପହଞ୍ଚି ବଣ ବିଲେଇକୁ ଉଦ୍ଧାର କରିଥିଲେ। ବିଦ୍ୟୁତ ଆଘାତ ଲାଗି ବଣ ବିଲେଇ ଆହତ ହୋଇଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ ଚିକିତ୍ସା ପରେ ଜଙ୍ଗଲରେ ଛଡ଼ାଯିବ ବୋଲି ସୂଚନା ଦିଆଯାଇଛି।

# ଶିଶୁ ମୃତ୍ୟୁ ହାର ରୋକିବାକୁ ଗୁରୁତ୍ୱ

## ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାର କାର୍ଯ୍ୟକାରୀ ନେଇ ବୈଠକ

କୋରାପୁଟ,୧୯।୨(ଅମିତାଭ ବେହେରା)

କୋରାପୁଟ ଜିଲାରେ ଶିଶୁ ମୃତ୍ୟୁ ହାର ହ୍ରାସ କରାଇବା ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାର ସଠିକ କାର୍ଯ୍ୟକାରୀ ନେଇ କୋରାପୁଟ ସିଡିଏମଓ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବରୋଦାକାନ୍ତ ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ସଂଯୋଜକ ଶୁଭକାନ୍ତ ଗନ୍ତାୟତ, ସମସ୍ତ ସିଡିପିଓ ଏବଂ ବ୍ଲକରୁ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନକୁ କିପରି ଜିଲାର ମେଡିକାଲ କଲେଜ, ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର, ସର୍କଲ, ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫଳ ରୂପାୟନ ସହ ଶିଶୁ ଯତ୍ନ ୟୁନିଟର କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ପ୍ରତି ମାସର ୯ ତାରିଖରେ ଶିଶୁ ଓ ଗର୍ଭବତୀ ମା'ଙ୍କ ସ୍ୱାସ୍ଥ୍ୟ ଯାଞ୍ଚ, ବିପଦ ସଙ୍କୁଳ ପ୍ରସବର ଅନ୍ତତଃ ୧୫ ଦିନ ପୂର୍ବରୁ ଗର୍ଭବତୀଙ୍କୁ ମା' ଗୃହକୁ ଆଣି ରଖିବା, ତାଙ୍କର ଯତ୍ନ ନେବା ଓ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ମା'ଙ୍କୁ ପ୍ରସବ ପରେ ମାସକ ଯାଏ ଦେଖାଶୁଣା କରିବା, ତାଙ୍କର ଖାଦ୍ୟ ଓ ରହିବା ବ୍ୟବସ୍ଥା କରାଇବା ଉପରେ ଦୃଷ୍ଟି ଦେବାକୁ ଜିଲାପାଳ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ପ୍ରସବ ପରେ ଶିଶୁର ମୃତ୍ୟୁର କାରଣ ଓ ତାହାର ନିରାକରଣ ବ୍ୟବସ୍ଥା ସମ୍ପର୍କରେ ଧ୍ୟାନ ଦେବାକୁ ସିଡିଏମଓ ମିଶ୍ର ଗୁରୁତ୍ୱ ଦେଇଥିଲେ। ସମସ୍ତ ବ୍ୟବସ୍ଥା ନେଇ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀ ସଠିକ୍ କାର୍ଯ୍ୟ କଲେ ଜିଲାରେ ଶିଶୁ ମୃତ୍ୟୁ ହାର ହ୍ରାସ ପାଇପାରିବ ବୋଲି ଜିଲାପାଳ କହିଥିଲେ।



ବୈଠକରେ ଉପସ୍ଥିତ କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନ ଓ ସ୍ୱାସ୍ଥ୍ୟ ଅଧିକାରୀମାନେ।

ଇଣ୍ଡିଆନ ବ୍ୟାଙ୍କ Indian Bank ALLAHABAD

**ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭**

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଜଗତସିଂହପୁର ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ |
| --- | --- | --- | --- | --- |
| **ଋଣଗ୍ରହୀତା: ଶ୍ରୀ ମହମ୍ମଦ ଜାମିଲ୍,** ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, **ସହ-ଋଣଗ୍ରହୀତା: ଶ୍ରୀମତୀ ଫିର୍ଦସ ମହାଜବିନ୍।** | **ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୮୮୩, ଖାତା ନଂ.୪୮/୧୩୫, ମୌଜା: ଜୟବାଡ, ପୋ./ଜିଲ୍ଲା: ଜଗତସିଂହପୁର, ଓଡିଶା, ଏରିଆ: ଏ୦.୦୪ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପୂର୍ବ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପଶ୍ଚିମ- ପ୍ଲଟ ନଂ.୨୧୪। | ୨୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୧୫,୦୭,୨୫୯/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| **ଋଣଗ୍ରହୀତା: (୧)ମେସର୍ସ ଓର୍ଚିଡ ରିଟେଲ (ପାର୍ଟନରସିପ୍ ଫାର୍ମ),** ସେଣ୍ଟ୍ରାଲ ମାର୍କେଟ, ପୋ./ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୩, **(୨)ଶ୍ରୀ ମହମ୍ମଦ ଜାମିଲ୍ (ମ୍ୟାନେଜିଂ ପାର୍ଟନର),** ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, **(୩) ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ (ପାର୍ଟନର)।** | **ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ ଖାନ୍**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୭୬୯, ଖାତା ନଂ.୪୮/୧୦୮, ମୌଜା: ଜୟବାଡ, ଜଗତସିଂହପୁର, ଏରିଆ: ଏ୦.୧୩ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ-ଅମିର ଇମତିୟାଜ୍ ଆଲାମ୍ ଖାନ୍, ପୂର୍ବ- ଦିଲଦାର ଇଫତିୟାଜ୍ ଆଲାମ୍ ଖାନ୍, ପଶ୍ଚିମ- ଆଲ୍ଲାହା ବକ୍ସ ଏବଂ ଇକ୍‌ରାର ବକ୍ସ। | ୨୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୫୦,୩୦,୨୪୦/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| | **ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୬୪୩, ଖାତା ନଂ.୪୯୪/୧୨୭୧, ମୌଜା: ପାରଙ୍ଗ, ଅନୁଗୁଳ, ଏରିଆ: ଏ୦.୧୨ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ରାଜେନ୍ଦ୍ର କୁମାର ସିଂ, ପୂର୍ବ- ସେଉଳ ପାତ୍ର, ପଶ୍ଚିମ- ପ୍ଲଟ ନଂ.୬୪୨। | | ୧୭.୦୨.୨୦୨୫ | |

**ସ୍ଥାନ-ଭୁବନେଶ୍ୱର, ତାରିଖ-୧୯.୦୨.୨୦୨୫** **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

# ଖରାପ ଚାଉଳ, ମାଣ୍ଡିଆ ବଣ୍ଟନକୁ ନେଇ ଅସନ୍ତୋଷ

## ନନ୍ଦାହାଣ୍ଡି ପଞ୍ଚାୟତ ସମିତି ବୈଠକ

ନନ୍ଦାହାଣ୍ଡି,୧୯।୨ (ପ୍ରତୀପ୍ କୁମାର୍ ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସଭାଗୃହରେ ଅଧକ୍ଷା ରଶ୍ମିତା ମାଝୀଙ୍କ ଅଧକ୍ଷତାରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଉପାଧକ୍ଷ ସଦନ ଗୌଡ଼, ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଦିବ୍ୟଦାନ ସୁନା, ଏମ୍‌ପିଙ୍କ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ, ବିଧାୟକ ପ୍ରତିନିଧି ସନାତନ ତ୍ରିପାଠୀ, ବିଡିଓ ସୁନୀଲ ଖରା, ସମସ୍ତ ସରପଞ୍ଚ ଏଂ ସମିତି ସଭ୍ୟ ଉପସ୍ଥିତ ଥିଲେ। ଉନ୍ନୟନମୂଳକ କାର୍ଯ୍ୟ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଶିକ୍ଷା, ରାଜସ୍ୱ, ମତ୍ସ୍ୟ ଚାଷ, ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ, କୃଷି, ଉଦ୍ୟାନ, ଅନୁସୂଚିତ ଜାତି ଓ ଜନଜାତି ବିଭାଗୀୟ ଅଧିକାରୀମାନେ କେଉଁ ସବୁ କାର୍ଯ୍ୟ କରିଛନ୍ତି ଏବଂ କ'ଣ ସବୁ ସମସ୍ୟା ରହିଛି ସେ ବିଷୟରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା। ବୈଠକରେ କେତେଜଣ ଅଧିକାରୀ ଅନୁପସ୍ଥିତ ଥିବାରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ସୂଚନା ମିଳିଛି।

ବୈଠକ ପ୍ରାରମ୍ଭରେ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ଯୋଜନାରେ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ତ ଅଧିକାରୀ ସହଯୋଗ କରିବାକୁ କୁହାଯାଇଥିଲା। ହଷ୍ଟେଲ, ସ୍କୁଲରେ ରାତ୍ର ଜଗୁଆଳି ଅନୁପସ୍ଥିତ ରହୁଥିବାରୁ ସେମାନଙ୍କୁ ନିଜ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଏବିଡିଓଙ୍କୁ କୁହାଯାଇଛି। ବିଭିନ୍ନ ସ୍କୁଲରେ ଥିବା ରୋଷେଇଘର, ପାଣି ସମସ୍ୟା ଆଦିର ସମାଧାନ ପାଇଁ ଶିକ୍ଷା, ଉନ୍ନୟନ ବିଭାଗକୁ କୁହାଯାଇଥିଲା। ୟୁନିଫର୍ମ ବଣ୍ଟନରେ ଅନିୟମିତତା ଅଭିଯୋଗ ହୋଇଥିଲା। ଶିକ୍ଷା ବିଭାଗ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଅଭିମନ୍ୟୁ ନାୟକଙ୍କ ଅଜାଣତରେ ନିମ୍ନମାନର ୟୁନିଫର୍ମ ବଣ୍ଟନ ହୋଇଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ଏଥିରେ କେଉଁମାନେ ସମ୍ପୃକ୍ତ ତାହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମତ୍ସ୍ୟ ବିଭାଗରେ ଆବଶ୍ୟକଠାରୁ ଉତ୍ପାଦନ କମ୍ ହେଉଛି। ମାଛଚାଷ ପ୍ରତି ଲୋକଙ୍କୁ ଆକୃଷ୍ଟ କରିବାକୁ କୁହାଯାଇଛି। ମଣ୍ଡିରେ ଚାଷୀଙ୍କଠାରୁ ଏଫ୍‌ଏକ୍ୟୁ ମାନର ଧାନ କିଣାଯାଉଛି। ଏବେ ଲୋକଙ୍କୁ କେମିତି ବାସନ ଏବଂ ନିମ୍ନମାନର ଧାନ ଦିଆଯାଉଛି ବୋଲି ଯୋଗାଣ ଅଧିକାରୀଙ୍କୁ ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର ପ୍ରଶ୍ନ କରିଥିଲେ। ଏହାଛଡ଼ା ଅତି ଖରାପ ମାନର ମାଣ୍ଡିଆ ଲୋକଙ୍କୁ ଦିଆଯାଉଥିବା ଅଭିଯୋଗକରି ସେ କ୍ଷୋଭ ପ୍ରକାଶ କରିଥିଲେ। ମାଣ୍ଡିଆ, ଚାଉଳ ନମୁନା ଆଣି କୃଷି ଓ ଯୋଗାଣ ବିଭାଗ ଅଧିକାରୀ ଯାଞ୍ଚ କରନ୍ତୁ ବୋଲି ସେ କହିଥିଲେ। ନିମ୍ନ ମାନର ଜଣାପଡ଼ିବା ପରେ ଏହା ଯୋଗାଇଥିବା ମିଲ୍ ଏବଂ ଏଜେନ୍ସି ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

ଏଥିସହ ଇ-କେୱାଇସି ପାଇଁ ସାଇଟ୍ ଖୋଲୁ ନ ଥିବାରୁ ଲୋକଙ୍କ କାମ ବ୍ୟାଘାତ ହେଉଛି। କ'ଣ ପାଇଁ ସାଇଟ୍ ଖୋଲୁ ନାହିଁ ବୋଲି ସେମାନେ ଯୋଗାଣ ବିଭାଗ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ପ୍ରତ୍ୟେକ ପଞ୍ଚାୟତକୁ ଖେଳ ସାମଗ୍ରୀ କିଣିବା ପାଇଁ ଅଢ଼େଇ ଲକ୍ଷ ଟଙ୍କା ଲେଖାଏ ଆସିଥିଲା। ତାଙ୍କ ବିନା ଦସ୍ତଖତରେ ସେହି ଖେଳ ସାମଗ୍ରୀ କିଏ କିଣିଛି, ଏବେ ତାହା କେଉଁଠି ଅଛି ଏହାର ତଦନ୍ତ କରିବାକୁ ଅଧକ୍ଷା ରଶ୍ମିତା ମାଝୀ କହିଛନ୍ତି। ବ୍ଲକ୍‌ରେ ଚୋରି, ଡକାୟତି ବଢ଼ିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କାହିଁକି ଗିରଫ କରାଯାଇନାହିଁ ବୋଲି ପ୍ରଶ୍ନ କରାଯିବାରୁ କେବଳ ୨ ଜଣ ପୋଲିସ କର୍ମଚାରୀ ଥିବାରୁ ଏହି ଅସୁବିଧା ହେଉଥିବା ଫାଣ୍ଡି ଅଧିକାରୀ ଗୁଣନିଧି ବାଗ୍ କହିଛନ୍ତି। ଅନ୍ୟ ୨ ଜଣ କର୍ମଚାରୀ ଶୀଘ୍ର କାର୍ଯ୍ୟରେ ଯୋଗ ଦେବା ପରେ ପାଟ୍ରୋଲିଂ କରାଯିବ ବୋଲି ସୂଚନା ଦେଇଛନ୍ତି। ସ୍ୱଚ୍ଛ ଭାରତ ମିଶନରେ କାର୍ଯ୍ୟ କରୁଥିବା ବିଆର୍‌ସି କାର୍ଯ୍ୟରେ ଅବହେଳା କରୁଥିବା ଏବଂ ଅନୁଦାନ ଖର୍ଚ୍ଚ ନ କରିବାରୁ ଜନହିତକାରୀ କାର୍ଯ୍ୟ ହୋଇପାରୁନାହିଁ। ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅରୁଣ ମିଶ୍ର କହିଛନ୍ତି। ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଠିକ୍‌ଭାବେ କାର୍ଯ୍ୟ କରି ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବା ଜରୁରୀ ବୋଲି ବିଡିଓ କହିଛନ୍ତି।



ବୈଠକରେ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ଆଲୋଚନା କରୁଛନ୍ତି।

# ୪ ଗଞ୍ଜେଇ ବେପାରୀଙ୍କୁ ୧୫ ବର୍ଷ ସଶ୍ରମ କାରାଦଣ୍ଡ

ଉମରକୋଟ, ୧୯।୨
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଅତିରିକ୍ତ ଜିଲା ଦୌରାଜଜ୍ ଗିରିଜା ପ୍ରସାଦ ମହାପାତ୍ର ୪ ଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ୧୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ୧୭ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଏହି ଦଣ୍ଡାଦେଶ ଦିଆଯାଇଛି। ଜରିମାନା ଅର୍ଥ ଅନାଦାୟ କ୍ଷେତ୍ରରେ ଆହୁରି ଅଧିକ ବର୍ଷେ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ କୁହାଯାଇଛି।

ସୂଚନାନୁଯାୟୀ, ୨୦୨୩ ଫେବୃଆରୀ ୨୧ରେ ଗଞ୍ଜେଇ ଚାଲାଣ ପ୍ରସ୍ତୁତି ଚାଲିଥିବା ନେଇ ଖବରପାଇ ଉମରକୋଟ ଥାନା ସବ୍‌ଇନ୍ସପେକ୍ଟର ସନ୍ତୋଷ କୁମାର ମାଝୀ, ଉମରକୋଟ ଥାନା ଏଏସ୍‌ଆଇ ଶରତ କୁଟରୁକା, ସନ୍ତୋଷ ଦାସ, ଖଗପତି ବିଷୋୟୀ ଓ ଉମେଶ ପୂଜାରୀ ଏକ ଟିମ୍ କରି ଉମରକୋଟ ବେହେଡ଼ାର ବିଷ୍ଣୁପଦ ମଲ୍ଲିକଙ୍କ ଘରେ ଚଢ଼ାଉ କରିଥିଲେ। ଏହି ସମୟରେ ରାଇଘର ପରଚିପାରାର ତପନ ଦାସ, ନବରଙ୍ଗପୁର ନିକଟସ୍ଥ ଦଳେଇଗୁଡ଼ା ଗ୍ରାମର କୃଷ୍ଣ ହରିଜନ ଓ ନବରଙ୍ଗପୁର ନିକଟସ୍ଥ କୋଇଗୁଡା ଗ୍ରାମର ରହିମ ହରିଜନ ଉପସ୍ଥିତ ଥିଲେ। ସେମାନେ ପ୍ରାୟ ୨ କୁଇଣ୍ଟାଲ ୬ କିଲୋଗ୍ରାମ ଗଞ୍ଜେଇକୁ ୯ଟି ଜରି ବସ୍ତାରେ ରଖି ଛତିଶଗଡ଼କୁ ଚାଲାଣ କରିବାକୁ ପ୍ରସ୍ତୁତି କରୁଥିଲେ। ପୋଲିସ ସେମାନଙ୍କୁ ଧରିବା ସହ ୨ କୁଇଣ୍ଟାଲ ୬ କେଜି ଗଞ୍ଜେଇ ଜବତ କରିଥିଲା। ଏନ୍‌ଡିପିଏସ୍‌ରେ ମକଦ୍ଦମା ରୁଜୁକରି ୪ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଥିଲା। ଉମରକୋଟ ଥାନା ସବ ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ମିଶ୍ର ଘଟଣାର ତଦନ୍ତ କରୁଥିଲେ। ସରକାରଙ୍କ ପକ୍ଷରୁ ଓକିଲ ଝାଡ଼େଶ୍ୱର ମହାନ୍ତି ମକଦ୍ଦମା ପରିଚାଳନା କରିଥିଲେ।

# ଲୁଟ୍ ମାମଲାରେ ୩ ଗିରଫ


ଜବତ ଲୁଟ୍ ସାମଗ୍ରୀ ଓ ଗିରଫ ଅଭିଯୁକ୍ତମାନେ।

ନବରଙ୍ଗପୁର, ୧୯।୨
(ସଦାଶିବ ପ୍ରହରାଜ)

ଏକ ଲୁଟ୍ ମାମଲାରେ ନବରଙ୍ଗପୁର ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଦଶରାପଦା ଓ ଲୋହରା ସାହିର ସିନ୍ଧୁ ହରିଜନ, ଟିଙ୍କୁ ହରିଜନ ଓ ହୁସେନ ହରିଜନ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ୨୦୨୪ ଅକ୍ଟୋବର ୧୩ ରାତିରେ ନନ୍ଦାହାଣ୍ଡି ବ୍ଲକ୍ ଗରୁଡ଼ଗୁଡ଼ା ଗ୍ରାମର ତ୍ରିନାଥ ଭତ୍ରା ନବରଙ୍ଗପୁର ସହରରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଦଶରାପଦା ମେଡିକାଲ ରାସ୍ତାରେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇ ମାଡ଼ ମାରି ବାଇକ୍, ୨ ଗୋଟି ମୋବାଇଲ ଓ ୩ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ତ୍ରିନାଥ ୨୦୨୪ ଅକ୍ଟୋବର ୧୬ରେ ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ପୋଲିସ କେସ ନମ୍ବର ୪୦୯/୨୪ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ବାଇକ୍‌ଟି ସିନ୍ଧୁ ହରିଜନ ଓ ମୋବାଇଲକୁ ହୁସେନ ହରିଜନଙ୍କ ପାଖରୁ ଉଦ୍ଧାର କରାଯାଇଥିଲା। ଏସ୍‌ଆଇ ଦେବାଶିଷ ସାହୁ ଘଟଣାର ତଦନ୍ତ କରୁଛନ୍ତି।

# ବାଲ୍ୟବିବାହ ରୋକିଲା ପ୍ରଶାସନ

ଝରିଗାଁ, ୧୯।୨
(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଡ଼ଟେମେରା ପଞ୍ଚାୟତ ଅଧୀନ ପଡ଼ାଲଗୁଡ଼ା ଗ୍ରାମର ଜଣେ ନାବାଳିକା ସହ ରାଇଘର ବ୍ଲକ ଭୀମାଗୁଡ଼ା ପଞ୍ଚାୟତ ଭିମାଟିକିରା ଗ୍ରାମର ଜଣେ ନାବାଳକ ସହ ବୁଧବାର ବିବାହ ହୋଉଥିଲା। ଏହି ଖରପାଇ ଝରିଗାଁ ସିଡିପିଓ ବିରଜା ମୋହିନୀ ପାଙ୍ଗି ସ୍ଥାନୀୟ ସରପଞ୍ଚ, ୱାର୍ଡ ସଭ୍ୟ, ପୋଲିସ ଉପସ୍ଥିତିରେ ଉଭୟ ପରିବାର ଲୋକଙ୍କୁ ବୁଝାସୁଝା କରି ବାଲ୍ୟ ବିବାହ ରୋକିଥିଲେ। ଝିଅ ଓ ପୁଅଙ୍କ ବିବାହ ବୟସ ହେବା ପରେ ବାହା କରିବାକୁ ଉଭୟ ପରିବାର ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ସୁପରଭାଇଜର ଟୁନି ଦେଇ ଜେନା, ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀ ପ୍ରମୁଖ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରକାଶ ଯେ, ନବରଙ୍ଗପୁର ଜିଲା ଆଦିବାସୀ ବହୁଳ ଝରିଗାଁ ବ୍ଲକରେ ସଚେତନତା ଅଭାବ ଯୋଗୁ ଏବେବି ବାଲ୍ୟ ବିବାହ ଚାଲୁଥିବା ଅଭିଯୋଗ ହୋଇଛି। ଏହି ପ୍ରଥାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ସଚେତନତା କରାଯାଉଛି। ତଥାପି ମଧ ଉପାନ୍ତ ଅଞ୍ଚଳରେ ଏହାକୁ ବ୍ୟାପକ କରିବା ଦରକାର ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।


ସିଡିପିଓ ଏବଂ ପୋଲିସ ବାଲ୍ୟବିବାହ ରୋକିବା ନେଇ ଆଲୋଚନା କରୁଛନ୍ତି।

# ସ୍କୁଲରେ ପହଞ୍ଚି ତଦନ୍ତ କଲେ ଜିଲା ପରିଷଦ ସଭ୍ୟା


ଜିଲା ପରିଷଦ ସଭ୍ୟା ଡା. ଲିପିକା ମାଝୀ ସ୍କୁଲରେ ତଦନ୍ତ କରୁଛନ୍ତି।

## ହଷ୍ଟେଲରୁ ୩ ଛାତ୍ର ଫେରାର ଘଟଣା

### ବିଦ୍ୟାଳୟରେ ଅବ୍ୟବସ୍ଥା ଥିବା କହି ତଦନ୍ତ ଦାବିକଲେ

ପାପଡ଼ାହାଣ୍ଡି, ୧୯।୨
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ଗାଦବାକତରା ସରକାରୀ ଆଶ୍ରମ ବିଦ୍ୟାଳୟ ର ୩ଜଣ ଛାତ୍ର ସୋମବାର ସ୍କୁଲରୁ ଲୁଚି ପଳାଇବା ସମ୍ପର୍କରେ ଖବର ପ୍ରକାଶ ପରେ ବୁଧବାର ଜିଲା ପରିଷଦ ସଭ୍ୟା ଡା. ଲିପିକା ମାଝୀ ସ୍କୁଲରେ ପହଞ୍ଚି ତଦନ୍ତ କରିଛନ୍ତି। ସ୍କୁଲରୁ ଲୁଚି ପଳାଇଥିବା ଛାତ୍ର ଧନପତି ମୁଦୁଲି, ଲଛମନ ମୁଦୁଲି ଓ ରିଙ୍କୁ ମୁଦୁଲିଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରଥମେ ପିଲାମାନେ କିଛି ଉତ୍ତର ଦେଇ ନ ଥିଲେ। ପରେ ବାହାଘର ଭୋଜି ଥିବାରୁ କାହାକୁ ନ ଜଣାଇ ଚାଲିଗଲେ ବୋଲି କହିଥିଲେ। ତେବେ ପୂର୍ବରୁ ସେମାନେ ଉପର ଶ୍ରେଣୀର ଛାତ୍ର ବାଡ଼ଉଥିବାରୁ ବିଦ୍ୟାଳୟ ଛାଡିଥିବା କହିଥିଲେ। ଏହାପରେ ଜିଲା ପରିଷଦ ସଭ୍ୟା ଡା. ଲିପିକା ଶ୍ରେଣୀକକ୍ଷ, ଶୌଚାଳୟ ଆଦି ବୁଲି ଦେଖିଥିଲେ। ଷଷ୍ଠ ଶ୍ରେଣୀର ପିଲାମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମ ପଚାରିବାରୁ କହି ପାରି ନ ଥିଲେ। ୯ ଶୌଚାଳୟରୁ ଗୋଟିଏ ଠିକ୍ ଥିବାବେଳେ ତାହା ବି ପରିଷ୍କାର ନ ଥିଲା। ଉକ୍ତ ସମୟରେ ବ୍ଲକ୍ ମଙ୍ଗଳ ଅଧିକାରୀ ଦେବବ୍ରତ ପରିଡା ଉପସ୍ଥିତ ଥିଲେ। ଏ ନେଇ ଡା. ମାଝୀ କହିଛନ୍ତି, ସ୍କୁଲରେ ବହୁ ଅବ୍ୟବସ୍ଥା ରହିଛି। ପ୍ରଧାନ ଶିକ୍ଷୟିତ୍ରୀ ବ୍ୟବହାର ଠିକ୍ କରୁନାହାନ୍ତି। ପ୍ରଶାସନ ନିରପେକ୍ଷ ତଦନ୍ତକରି ତାଙ୍କୁ ଅନ୍ୟତ୍ର ବଦଳିକରିବାକୁ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ମଜୁମଦାରଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ନୀରବ ରହିଥିଲେ।

# ୩୧ରୁ ଜଗତ୍‌ଜନନୀ ଠାକୁରାଣୀଙ୍କ ନବଦିନ ଯାତ୍ରା

ଉମରକୋଟ, ୧୯।୨
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟରେ ମା ଜଗତ ଜନନୀ ଠାକୁରାଣୀଙ୍କ ନବଦିନ ଯାତ୍ରା ମାର୍ଚ୍ଚ ୩୧ରୁ ଆରମ୍ଭ ହୋଇ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଝରିଗାଁ ରୋଡ୍‌ଠାରେ ଥିବା ମା ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଉପସ୍ଥିତ ଥିଲେ। ମାଙ୍କ ନବଦିନ ଯାତ୍ରା ଚଳିତ ବର୍ଷ ଯେମିତି ମହାଆଡମ୍ବର ସହକାରେ ପାଳନ ସେ ନେଇ ବିସ୍ତୃତ ଆଲେଚନା ହୋଇଥିଲ। ବୈଠକରେ ଗତ ବର୍ଷ ଯାତ୍ରାର ସମସ୍ତ ଆୟ ଓ ବ୍ୟୟର ସୂଚନା ଦିଆଯାଇଛି। ଏହପରେ କମିଟି ସଦସ୍ୟ ଚୟନ କରାଯାଇଛି। ସର୍ବ ସମ୍ମତି କ୍ରମେ କାଉନସିଲର ସାଇ ନାରାୟଣ ପାଢୀ ସଭାପତି, ଆଶିଷ ରାଓ ଉପସଭାପତି, ସତ୍ୟ ନାରାୟଣ ମିଶ୍ର ସମ୍ପାଦକ ଓ କୋଷାଧକ୍ଷ ଭାବେ ଗୋବିନ୍ଦ ମାଝୀଙ୍କୁ ମନୋନୀତ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମଙ୍ଗଳା ମନ୍ଦିର ପୂଜକ ଭୁବନେଶ୍ୱର ପୂଜାରୀ, ଶିରା ବଲ୍ଲଭ ମାଳି, ପୁରୋହିତ ତ୍ରିନାଥ ମିଶ୍ର, ପୂର୍ବତନ ନଗରପାଳ ପି.ରାବଣା ରାଓ, ଅଶୋକ ବେବର୍ତ୍ତା, ବିଦ୍ୟାଧର ଜେନା, ବିଶ୍ୱନାଥ ପ୍ରତାପ ସିଂ, ମନୋଜ ନାୟକ, ବାରପାଲି ଗାଁର ରଇତ, ଶିରା ଏବଂ ପୁରୁଣା ଯାତ୍ରା କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ବେଆଇନ ଇଟାଭାଟି

ପଡ଼ିଆ, ୧୯।୨(ଭାସ୍କର ରାଓ )

ମାଲକାନଗିରି ଜିଲା ପଡ଼ିଆ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ଇଟାଭାଟି ଦେଖିବାକୁ ମିଳିଛି। ପଡ଼ିଆ ବ୍ଲକ୍ କାଲଦାପଲ୍ଲୀ ପଞ୍ଚାୟତ ଉଦୟଗିରି ଅଞ୍ଚଳର ଏକାଧିକ ସ୍ଥାନରେ ଏଭଳି ଇଟାଭାଟି ଦେଖିବାକୁ ମିଳିଛି। ଘଞ୍ଚ ଜଙ୍ଗଲ ମଧ୍ୟରେ ଉତ୍କୃଷ୍ଟ ମାଟି ଓ ଜାଳେଣି ଉପଯୋଗକରି ବ୍ୟବସାୟୀମାନେ ଇଟା ଗଢୁଥିବା ଦେଖିବାକୁ ମିଳିଛି । ସେହିପରି ପାମଗେଟା, ଏମ୍‌ଭି ୫୯, ତେଲାମଗୁଡା ଓ ଏମ୍‌ପିଭି ୬୬ ରାସ୍ତାକଡ଼ ଓ ଏମ୍‌ଭି ୫୮ ଆଦି ଗ୍ରାମ ନିକଟରେ ଇଟା ଚଢ଼ା ଦରରେ ସ୍ଥାନୀୟ ଅଞ୍ଚଳରେ ବିକ୍ରି କରୁଥିବା ଜଣାପଡ଼ିଛି। ପ୍ରଶାସନିକ ଅଧିକାରୀଙ୍କ ନିଷ୍କ୍ରିୟତାର ସୁଯୋଗ ନେଇ ଏଭଳି ବେଆଇନ ଭାବେ ଇଟାଭାଟି ଚଳାଇଛନ୍ତି। ଆବାସ ନିର୍ମାଣର ଆବଶ୍ୟକତା ପୂରଣ କରିବା ଆଳରେ ଇଟା ବ୍ୟବସାୟୀମାନେ ଲାଭବାନ ହେଉଛନ୍ତି। ପ୍ରଶାସନ ପକ୍ଷରୁ ବେଆଇନ ଭାବେ ଇଟାଭାଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।


ଜଙ୍ଗଲରେ ଗଢ଼ାଯାଉଥିବା ଇଟା ।

# ମିଳିଲା ଶ୍ରମିକ ପରିଚୟପତ୍ର, ମୃତ୍ୟୁକାଳୀନ ସହାୟତା

## ଡିଏଲ୍‌ଏସ୍‌ଏର ସଚେତନତା ଶିବିର

ନବରଙ୍ଗପୁର,୧୯।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ କୁକୁଡାବାଇ ଗ୍ରାମ ପଞ୍ଚାୟତ ଅଫିସ ପରିସରରେ ପ୍ରବାସୀ ଶ୍ରମିକମାନଙ୍କର ବିଭିନ୍ନ ପ୍ରସଙ୍ଗ ଓ ନାବାଳକ ନ୍ୟାୟ ଯତ୍ନ ଏବଂ ଶିଶୁ ସୁରକ୍ଷା ଆଇନକୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଏଲ୍‌ଏସ୍‌ଏ ସଚିବ ସାଇ ଅଭିପ୍ସା ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରବାସୀ ଶ୍ରମିକମାନଙ୍କର ବିଭିନ୍ନ ପ୍ରସଙ୍ଗ ଓ ନାବାଳକ ନ୍ୟାୟ ଯତ୍ନ ଏବଂ ଶିଶୁମାନଙ୍କର ସୁରକ୍ଷା ଆଇନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିଭାବେ ଜିଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ, ତାଲୁକଭୁକ୍ତ ଆଇନଜୀବୀ କିଶୋରୀ ପଟ୍ଟନାୟକ, ଉପମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ପରାମର୍ଶଦାତା ରାଜ କିଶୋର ନାଗ, କୁକୁଡ଼ାବାଇ ସରପଞ୍ଚ ରତ୍ନା ଜାନୀ, ପିଇଓ ପ୍ରବୀଣ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ଓଡ଼ିଶା ଅଣସଙ୍ଗଠିତ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୧୫ ଜଣଙ୍କୁ ଅଣସଂଗଠିତ ଶ୍ରମିକ ପରିଚୟ ପତ୍ର ଓ ମୃତ୍ୟୁକାଳୀନ ସହାୟତା ବାବଦକୁ ୮ ଜଣ ହିତାଧିକାରୀଙ୍କୁ ୧୨ ଲକ୍ଷର ସହାୟତା ପ୍ରଦାନ କରାଯାଇଥିଲା। ଏହି ସଚେତନତା ଶିବିରରେ ଆଇନଜୀବୀ ରାଜକିଶୋର ନାଗ ଧନ୍ୟବାଦ ଅର୍ପଣ କରିଥିଲେ।



ସହାୟତା ପ୍ରଦାନ କରାଯାଉଛି।

